

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୭ ଅକ୍ଟୋବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 07 OCTOBER 2023

Vol.No. 34 ■ No. 264■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


### ଏସିଆନ ଗେମ୍ସ ୨୦୨୩

# ହକିରେ ଭାରତକୁ ସ୍ୱର୍ଣ୍ଣ

## ୯ବର୍ଷ ପରେ ପୁଣି ଦେଶ ପାଇଁ ସୁନା ଆଣିଲା ପୁରୁଷ ହକି ଟିମ




ନୂଆଦିଲ୍ଲୀ,୦୬/୧୦ :ଇତିହାସ ରଚିଲା ଭାରତ ପୁରୁଷ ହକି ଦଳ । ଦେଶ ପାଇଁ ଆଣିଲେ ସୁନା । ଏସିଆନ ଗେମ୍ସରେ ଜାପାନକୁ ୫-୧ ଗୋଲରେ ହରାଇ ଗୋଲ୍ଡ ମେଡାଲ ହାତେଇଲା ପୁରୁଷ ହକି ଟିମ୍ । ଏଥିସହ ପ୍ୟାରିସ ଅଲିମ୍ପିକ ପାଇଁ ମଧ ଯୋଗ୍ୟତା ହାସଲ କରିଛି ଦଳ । ଶୁକ୍ରବାର ମ୍ୟାଚରେ ଚମକିଛନ୍ତି ଓଡିଆ ପୁଅ ଅମିତ୍ ରୋହିଦାସ । ଫାଇନାଲ ମ୍ୟାଚର ପ୍ରଥମ କ୍ୱାର୍ଟରରେ ଉଭୟ ଦଳ ପକ୍ଷରୁ କୌଣସି ଗୋଲ ହୋଇ ପାରିନଥିଲା । ଦ୍ୱିତୀୟ କ୍ୱାର୍ଟରରେ ମନଦୀପ ସିଂ ୧-୦ରେ ଲିଡ ଦେବା ସହ ଧାରା ବଜାୟ ରଖିଥିଲେ । ତୃତୀୟ କ୍ୱାର୍ଟରରେ ଭାରତର ଅଧିନାୟକ ମନଦୀପ ସିଂ ଦ୍ୱିତୀୟ ଗୋଲ୍ ଦେଇଥିଲେ । ତୃତୀୟ କ୍ୱାର୍ଟରରେ ଅମିତ ରୋହିଦାସ ୩ନଂ ଗୋଲ ଦେଇଥିବା ବେଳେ ଚତୁର୍ଥ କ୍ୱାର୍ଟରେ ଭାରତ ଦୁଇଟି ଗୋଲ ହାସଲ କରିଥିଲା । ୯ବର୍ଷ ପରେ ଏହି ବଡ ସଫଳତାର ସ୍ୱାଦ ଚାଖିଛି ଭାରତ । ଏଥିସହ ପ୍ୟାରିସ ଅଲିମ୍ପିକ ପାଇଁ ମଧ ଯୋଗ୍ୟତା ହାସଲ କରିଛି ଦଳ । ପୂର୍ବରୁ ୧୯୬୬, ୯୮ ଓ ୧୪ ମସିହାରେ ପୁରୁଷ ହକି ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା ।

# ନୋବେଲ ଶାନ୍ତି ପୁରସ୍କାର ପାଇବେ ନର୍ଗେସ ମହମ୍ମଦି



ନୂଆଦିଲ୍ଲୀ,୦୬/୧୦ : ନୋବେଲ ଶାନ୍ତି ପୁରସ୍କାର ପାଇବେ ନର୍ଗେସ ମହମ୍ମଦି । ମହିଳା ଅଧିକାର ତଥା ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନର୍ଗେସଙ୍କୁ ଏହି ସମ୍ମାନଜନକ ପୁରସ୍କାର ପାଇଁ ଚୟନ କରାଯାଇଛି । ଇରାନରେ ମହିଳାଙ୍କ ଅଧିକାର ପାଇଁ ଲଢ଼େଇ କରୁଥିବା ନର୍ଗେସ ଜେଲରେ ଥାଇ ନୋବେଶ ଶାନ୍ତି ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି । ନର୍ଗେସଙ୍କୁ ଜଣେ ସାହସୀ ମହିଳା ଭାବେ ଜଣାଶୁଣା । ମହିଳାଙ୍କ ଅଧିକାର ପାଇଁ ସଂଗ୍ରାମ କରି ସେ ୩୧ ବର୍ଷ କାରାଦଣ୍ଡ ଭୋଗିଛନ୍ତି । ବିଭିନ୍ନ ସମୟରେ ନର୍ଗେସଙ୍କୁ ୧୩ଥର ଗିରଫ ହେବାକୁ ପଡ଼ିଛି । ୫ଥର ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଏବଂ ସମୁଦାୟ ୩୧ ବର୍ଷ ଜେଲ ଦଣ୍ଡ ଭୋଗିଛନ୍ତି । ମହମ୍ମଦି ଏବେବି ଜେଲରେ ଅଛନ୍ତି ।

## ଓଡ଼ିଶାରେ ଆରମ୍ଭ ହେବ ୱାନ୍ ହେଲଥ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୦୬/୧୦ (ନି.ପ୍ର): ଓଡ଼ିଶାରେ ଆରମ୍ଭ ହେବ ୱାନ୍ ହେଲଥ୍ କାର୍ଯ୍ୟକ୍ରମ। ଡବ୍ଲ୍ୟୁଏଚଓ ଦ୍ୱାରା ପ୍ରସ୍ତାବିତ ୱାନ୍ ହେଲଥ୍ କାର୍ଯ୍ୟକ୍ରମକୁ ପାଇଲଟ୍ ପ୍ରକଳ୍ପ ଭାବେ ଓଡ଼ିଶାରେ କାର୍ଯ୍ୟକାରୀ କରାଯିବ। ଏନେ ସୂଚନା ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର। ଡାକ୍ତର ମିଶ୍ରଙ୍କ କହିବା ଅନୁସାରେ ସାରା ଦେଶରେ ଓଡ଼ିଶା ସମେତ ୪ ରାଜ୍ୟରେ ଆରମ୍ଭ ହେଉଛି ୱାନ୍ ହେଲଥ୍ କାର୍ଯ୍ୟକ୍ରମ। ଏହା ଅଧୀନରେ ଜୁନୋଟିକ୍ ଡିଜିଜ ଅର୍ଥାତ୍ ଆନ୍ଥ୍ରାକ୍ସ, ରାବିଜ, ସ୍କ୍ରବ୍ ଟାଇଫସ୍, ନିପା ଭାଇରସ୍ ଭଳି ପଶୁଠାରୁ ମଣିଷ ଶରୀରକୁ ଆସୁଥିବା ରୋଗ ମୁକାବିଲା ଲାଗି ମିଳିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିଲାଗି ସ୍ୱାସ୍ଥ୍ୟ ବିଭାଗ ସହ ପଶୁ ସମ୍ପଦ, କୃଷି ଓ ବନ୍ୟପ୍ରାଣୀ ବିଭାଗ ମିଳିତ ଭାବେ କାମ କରିବେ। ଏହା ଅଧୀନରେ ଜୁନୋଟିକ ଡିଜିଜ୍ ପାଇଁ ତିଆରି ହେବ ସ୍ୱତନ୍ତ୍ର ରାଜ୍ୟସ୍ତରୟ ଆକ୍ସନ ପ୍ଲାନ ଓ ଜିଲ୍ଲା ସ୍ତରୀୟ ଆକ୍ସନ ପ୍ଲାନ। ଗଠନ ହେବ କୋଅର୍ଡିନେସନ କମିଟି। କେଉଁ ଜିଲ୍ଲାରେ କେଉଁ ଜୁନୋଟିକ ରୋଗ ଅଧିକ ହେଉଛି ତାହାର ମ୍ୟାପିଂ କରାଯିବ। ଏହାସହ ରାଜ୍ୟରେ ଜୁନୋଟିକ ରୋଗ ପରୀକ୍ଷା ଲାଗି ସେଣ୍ଟ୍ରାଲ ଲାବୋରେଟରି ଓ ମେଡିକାଲ କଲେଜ ଲାବୋରେଟରୀ ଗୁଡ଼ିକୁ ଅଧିକ ସଶକ୍ତ କରାଯିବ ବୋଲି ଡାକ୍ତର ମିଶ୍ର କହିଛନ୍ତି। ସୂଚନାରୁ ପ୍ରକାଶ, ଗତ କିଛି ଦିନରେ ରାଜ୍ୟରେ ମାଡ଼ି ଚାଲିଛି ସ୍କ୍ରବ୍ ଟାଇଫସ୍। ସମଗ୍ର ଓଡ଼ିଶାରେ ଏହି ରୋଗର ପଦଧ୍ୱନୀ ଦେଖିବାକୁ ମିଳିଛି। ଏଥିରେ ଅନେକ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ବହୁ ଲୋକ ଆକ୍ରାନ୍ତ ହୋଇ ମେଡ଼ିକାଲ୍‌ରେ ଚିକିତ୍ସିତ ହେଉଛନ୍ତି।

# ବିଜେପିର ରାବଣ ପୋଷ୍ଟର ପରେ କଂଗ୍ରେସ ଜାରି କଲା ଆଦାନି କଣ୍ଟେଇ




ନୂଆଦିଲ୍ଲୀ,୦୬/୧୦ : ବିଜେପି ଓ କଂଗ୍ରେସ ମଧ୍ୟରେ ପୋଷ୍ଟର ୱାର ଆରମ୍ଭ ହୋଇଯାଇଛି। ଗୁରୁବାର ବିଜେପି ପକ୍ଷରୁ କଂଗ୍ରେସ ସାଂସଦ ରାହୁଲ ଗାନ୍ଧିଙ୍କର ଏକାଧିକ ମୁଣ୍ଡ ଥିବା ଗୋଟିଏ ପୋଷ୍ଟର ଜାରି କରାଯାଇଥିଲା। ଏଥିରେ ରାହୁଲ ଗାନ୍ଧିଙ୍କୁ ନୂଆ ଯୁଗର ରାବଣ ଭାବେ ଚିତ୍ରଣ କରାଯାଇଥିଲା। ଏହାକୁ କଂଗ୍ରେସ ତୀବ୍ର ସମାଲୋଚନା କରିଥିବା ବେଳେ ଆଜି ଦଳ ଏହାକୁ କାଉଣ୍ଟର କରିଛି। କଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ▶▶ପୃଷ୍ଠା ୭

# ଦଳ ସୁଯୋଗ ଦେଲେ ଓଡ଼ିଶାରୁ ଲୋକସଭା ନିର୍ବାଚନ ଲଢ଼ିବି: ଧର୍ମେନ୍ଦ୍ର



ନୂଆଦିଲ୍ଲୀ,୦୬/୧୦ : କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସନ୍ତା ୨୦୨୪ ଲୋକସଭା ନିର୍ବାଚନରେ ଓଡ଼ିଶାରୁ ପ୍ରାର୍ଥୀ ହେବାକୁ ଇଚ୍ଛୁକ ବୋଲି ସୂଚନା ଦେଇଛନ୍ତି । ନିର୍ବାଚନ ଲଢ଼ିବା ପାଇଁ ତାଙ୍କୁ ସୁଯୋଗ ଦେବା ନିମନ୍ତେ ସେ ଦଳକୁ ଅନୁରୋଧ କରିବେ ବୋଲି ଆଜି ଜାତୀୟ ସମ୍ବାଦ ସରବରାହ ସଂସ୍ଥା 'ପିଟିଆଇ'କୁ ସୂଚନା ଦେଇଛନ୍ତି । ତେବେ କେଉଁ ଆସନରୁ ଲଢ଼ିବେ ତାହା ସ୍ପଷ୍ଟ କରିନାହାନ୍ତି । ତେବେ ଢେଙ୍କାନାଳରେ ଧର୍ମେନ୍ଦ୍ର ଯେତେ ଲଢ଼ିଲେ ବି ଆଉ ଜିତିବେ ନାହିଁ ବୋଲି ବିଜେଡି କହିଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ, ବିଜେପିର ଏଜେଣ୍ଡା ହେଉଛି ନରେନ୍ଦ୍ର ମୋଦିଙ୍କୁ ତୃତୀୟଥର ପ୍ରଧାନମନ୍ତ୍ରୀ କରାଇବା । ନିଜେ ମଧ ୨୦୨୪ ଲୋକସଭା ନିର୍ବାଚନ ଲଢ଼ିବାକୁ ଚାହୁଁଛି । ଏନେଇ ଦଳକୁ ଅବଗତ କରାଇଛି ଓ ତାଙ୍କୁ ସୁଯୋଗ ଦେବାକୁ ଅନୁରୋଧ କରିଛି । ତେବେ ଧର୍ମେନ୍ଦ୍ର କେଉଁ ଆସନରୁ ଲଢ଼ିବାକୁ ଆଗ୍ରହୀ ତା'ର ସୂଚନା ଦେଇନାହାନ୍ତି । ବିଜେପି ସୂତ୍ର ଅନୁସାରେ, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସମ୍ଭବତଃ ଢେଙ୍କାନାଳ ଓ ସମ୍ବଲପୁର ଲୋକସଭା ଆସନ ମଧ୍ୟରୁ ଗୋଟିଏରେ ଦଳୀୟ ପ୍ରାର୍ଥୀ ହୋଇପାରନ୍ତି । ତାଙ୍କ ଘର ଢେଙ୍କାନାଳ ଲୋକସଭା ନିର୍ବାଚନ ମଣ୍ଡଳୀରେ ହୋଇଥିବାବେଳେ ସମ୍ବଲପୁରରେ ମଧ ସଂଗଠନକୁ ତୃଣମୂଳସ୍ତରରେ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରୁଛନ୍ତି । ଧର୍ମେନ୍ଦ୍ରଙ୍କ ପତ୍ନୀ ମୃଦୁଳା ଗତ ୨-୩ବର୍ଷ ଧରି ଏକ ସ୍ୱେଚ୍ଛାସେବୀ ସଂଗଠନ ମାଧ୍ୟମରେ ଏହି ଦୁଇ ଲୋକସଭା ମଣ୍ଡଳୀରେ ବିଭିନ୍ନ ଜନହିତକର କାର୍ଯ୍ୟ ଜାରି ରଖି ଲୋକଙ୍କ ନିକଟତର ହେଉଥିବା ଦେଖିବାକୁ ମିଳୁଛି । ଏବେ ଢେଙ୍କାନାଳ ସିଟ୍ ବିଜେଡି ପାଖରେ ଥିବାବେଳେ ସମ୍ବଲପୁରରେ ବିଜେପିର ସାଂସଦ ଅଛନ୍ତି । ତେବେ ବିଜେପି ସାଂସଦ ନିତେଶ ଗଙ୍ଗଦେବ ଗତ କିଛିମାସ ପୂର୍ବରୁ ଦଳର ସମସ୍ତ ସାଂଗଠନିକ କାର୍ଯ୍ୟରୁ ଦୂରେଇ ରହିଥିବାରୁ ତାଙ୍କୁ ପୁଣିଥରେ ରିପିଟ୍ କରିବା ସମ୍ଭାବନା କ୍ଷୀଣ । ଅନ୍ୟପକ୍ଷରେ ଢ଼େଙ୍କାନାଳ ଜିଲ୍ଲାର ବରିଷ୍ଠ ବିଜେଡି ବିଧାୟକ ନୃସିଂହ ସାହୁ କହିଛନ୍ତି ଯେ, ଢେଙ୍କାନାଳରେ ▶▶ପୃଷ୍ଠା ୭

# ପିଛା ଛାଡୁନି ଇଡି: ସଞ୍ଜୟ ସିଂଙ୍କ ଦୁଇ ସହଯୋଗୀଙ୍କୁ ପଚରାଉଚରା

ନୂଆଦିଲ୍ଲୀ,୦୬/୧୦ : ଦିଲ୍ଲୀରେ ମଦ ଦୁର୍ନୀତି ମାମଲାରେ ପୁଣି ଥରେ ଚଢ଼ାଉକୁ ଜୋରଦାର କରିଛି ଇଡି। ଆପ୍‌ର ରାଜ୍ୟସଭା ସାଂସଦ ସଞ୍ଜୟ ସିଂଙ୍କୁ ଇଡି ଗତକାଲି ଗିରଫ କରିଥିବା ବେଳେ ଆଜି ତାଙ୍କର ଦୁଇ ଘନିଷ୍ଠ ସହଯୋଗୀଙ୍କୁ ପଚରାଉଚରା ପାଇଁ ସମନ କରିଛି। ଏହି ଦୁଇ ଜଣ ହେଲେ ସର୍ବେଶ ମିଶ୍ରା ଓ ବିବେକ ତ୍ୟାଗୀ । ଇଡି ତରଫରୁ ଉଭୟଙ୍କ ଘର ଉପରେ ରେଡ କରାଯାଇଥିବା ବେଳେ ପଚରାଉଚରା ପାଇଁ ସେମାନଙ୍କୁ ଇଡି କାର୍ଯ୍ୟାଳୟକୁ ଡକାଯାଇଛି। ଉଭୟ ଇଡି କାର୍ଯ୍ୟାଳୟରେ ହାଜର ହୋଇ ସାରିଥିବା ଜଣାଯାଇଛି। ଉଭୟଙ୍କୁ ଏକୁଟିଆ ଜେରା କରାଯିବା ସହ ସଞ୍ଜୟ ସିଂଙ୍କ ସହ ମୁହାଁମୁହିଁ ଜେରା କରାଯାଇପାରେ ବୋଲି ବି ଅନୁମାନ କରାଯାଉଛି। ମଦ ଦୁର୍ନୀତି ମାମଲାରେ ସଞ୍ଜୟ ସିଂଙ୍କ ସହଯୋଗୀ ସର୍ବେଶଙ୍କୁ ଏକ କୋଟି ଟଙ୍କା ମିଳିଥିବା ଜଣାଯାଇଛି। ▶▶ପୃଷ୍ଠା ୭

# ଆସନ୍ତା ୨-୩ ଦିନ ମଧ୍ୟରେ ରାଜ୍ୟରୁ ଫେରିଯିବ ମୌସୁମୀ

ଭୁବନେଶ୍ୱର , ୦୬/୧୦ (ନି.ପ୍ର): ରାଜ୍ୟରୁ ଫେରିଯିବ ମୌସୁମୀ ! ଆଗାମୀ ୨ରୁ ୩ ଦିନ ମଧ୍ୟରେ ରାଜ୍ୟର କିଛି ଅଞ୍ଚଳରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଅପସାରଣ ପାଇଁ ପାଗ ସମ୍ପୂର୍ଣ୍ଣ ଭାବେ ଅନୁକୂଳ ରହିଥିବା ପାଣିପାଗ ବିଭାଗ ସୂଚନା ଦେଇଛି । ରାଜ୍ୟରୁ ମୌସୁମୀ ପ୍ରତ୍ୟାବର୍ତ୍ତନର ସ୍ୱାଭାବିକ ସମୟ ହେଉଛି ୧୦ରୁ ୧୫ ତାରିଖ । ସେପଟେ ଲଘୁଚାପ ପ୍ରଭାବରେ ଆସନ୍ତା ୧୦ ତାରିଖ ଯାଏଁ ଉତ୍ତର ଓଡ଼ିଶାରେ ବର୍ଷା ହେବ। ବାଲେଶ୍ୱର, ମୟୂରଭଞ୍ଜ, ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ▶▶ପୃଷ୍ଠା ୭

# ଆଜି ଜନ୍ମମାଟିରେ ପହଞ୍ଚିବ ସହିଦ ଯବାନ ସରୋଜଙ୍କ ପାର୍ଥିବ ଶରୀର



କାମାକ୍ଷାନଗର, ୦୬/୧୦ (ନି.ପ୍ର): ସିକିମ ବନ୍ୟାରେ ସହିଦ ହୋଇଥିବା ସରୋଜ କୁମାର ଦାସଙ୍କ ପାର୍ଥିବ ଶରୀର ଆଜି ଜନ୍ମମାଟିରେ ପହଞ୍ଚିବ। ସରୋଜଙ୍କ ପାର୍ଥିବ ଶରୀର ସିକିମରୁ ପ୍ରଥମେ ସିଧା ଭୁବନେଶ୍ୱର ଅଣାଯିବ। ତା'ପରେ ତାଙ୍କ ଜନ୍ମଭୂମି କାମାକ୍ଷାନଗରର କେନ୍ଦୁଡିପକୁ ଅଣାଯିବ। ସେଠାରୁ ସହିଦଙ୍କ ପାର୍ଥିବ ଶରୀରକୁ ବିରାଟ ଶୋଭାଯାତ୍ରରେ ନିଜ ଗାଁକୁ ନିଆଯିବ। ସଂପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାରେ ତାଙ୍କ ଗାଁରେ ଶେଷକୃତ୍ୟ ସଂପନ୍ନ କରାଯିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଭୟଙ୍କର ଫ୍ଲାସ ଫ୍ଲଡରେ ସରୋଜ ସହିଦ ▶▶ପୃଷ୍ଠା ୭

## ମାହାଙ୍ଗା ଡବଲ ମର୍ଡର ମାମଲା



# କୋର୍ଟରେ ହାଜର ହେବାକୁ ବିଧାୟକ ପ୍ରତାପ ଜେନାଙ୍କୁ ସମନ

ମାହାଙ୍ଗା, ୦୬/୧୦ (ନି.ପ୍ର): ବହୁ ଚର୍ଚ୍ଚିତ ମାହାଙ୍ଗା ଡବଲ ମର୍ଡର ମାମଲାରେ ବିଧାୟକ ପ୍ରତାପ ଜେନାଙ୍କୁ ଆଜି ସମନ ଜାରି କରିଛନ୍ତି ସାଲେପୁର ଜେଏମ୍ଏଫ୍‌ସି କୋର୍ଟ। ସ୍ୱେଶାଲ ମେସେଞ୍ଜର ଜରିଆରେ କୋର୍ଟ ତାଙ୍କ ପାଖକୁ ସମନ ପଠାଇ ଅକ୍ଟୋବର ୩୧ ତାରିଖରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ନାଁରେ ମାମଲା ଚାଲୁ ରଖିବାକୁ ଗତମାସରେ ନିର୍ଦ୍ଦେଶ ଦେଇଥିଲେ ସାଲେପୁର ଜେଏମ୍ଏଫସି କୋର୍ଟ। କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ପ୍ରତାପଙ୍କ ବିରୋଧରେ ହତ୍ୟା, ହତ୍ୟା ଷଡ଼ଯନ୍ତ୍ର ଓ ଧମକ ଦଫାରେ ମାମଲା ଚାଲୁ ରହିବ। ସେତେବେଳେ ସାଲେପୁର ଜେଏମ୍ଏଫସି କୋର୍ଟ ଯେଉଁ ନିର୍ଦ୍ଦେଶ ଦେଇଥିଲେ, ସେଥିରେ ସ୍ପଷ୍ଟ ଭାବେ କହିଥିଲେ ଯେ ଅଭିଯୋଗକାରୀ ଓ ସାକ୍ଷୀମାନଙ୍କର ବୟାନ ଏବଂ ବିଭିନ୍ନ ରେକର୍ଡପତ୍ର ଗୁଡ଼ିକୁ ଦେଖିଲେ ଆପାତତଃ ପ୍ରତାପ ଜେନାଙ୍କ ବିରୋଧରେ ପ୍ରମାଣଯୋଗ୍ୟ ତଥ୍ୟ ରହିଛି। ଏହି ମାମଲାର ତଦନ୍ତ ମାହାଙ୍ଗା ପୁଲିସ କରୁଥିଲା। ମୃତକଙ୍କ ପରିବାର ଲୋକେ ସେମାନଙ୍କ ଏତଲାରେ ସିଧାସଳଖ ବିଧାୟକ ତଥା ତତ୍କାଳୀନ ଆଇନ ଓ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କ ନାଁ ଉଲ୍ଲେଖ କରିଥିଲେ। ସେ ଏହି ହତ୍ୟାକାଣ୍ଡର ମୁଖ୍ୟ ଷଡ଼ଯନ୍ତ୍ରକାରୀ ବୋଲି ସେମାନେ ଅଭିଯୋଗ କରିଥିଲେ। କିନ୍ତୁ ପୁଲିସ୍ ଯେତେବେଳେ ମାମଲାର ତଦନ୍ତ କରି ଚାର୍ଜଶିଟ୍ ଦାଖଲ କଲା, ସେତେବେଳେ ସେଥିରେ ପ୍ରତାପ ଜେନାଙ୍କ ନାଁ ନଥିଲା। ପ୍ରତାପ ଜେନାଙ୍କୁ ପୁଲିସ୍ କ୍ଲିନ୍‌ଚିଟ୍ ଦେଇଥିଲା। ପ୍ରତାପ ଜେନାଙ୍କର ଏହି ମାମଲାରେ କିଛି ସଂପୃକ୍ତି ନାହିଁ ବୋଲି ଚାର୍ଜଶିଟ୍‌ରେ ଦର୍ଶାଯାଇଥିଲା। ଏହି ଚାର୍ଜଶିଟ୍‌କୁ ନେଇ ପରବର୍ତ୍ତୀ ସମୟରେ ମୃତ କୁଳମଣି ବାରିକଙ୍କ ପରିବାର ପକ୍ଷରୁ ଏକ ପ୍ରୋଟେଷ୍ଟ ପିଟିସନ ଦାଖଲ କରାଯାଇଥିଲା। ମାମଲା ହାଇକୋର୍ଟ ପର୍ଯ୍ୟନ୍ତ ଗଲା। ପୁନର୍ବିଚାର କରିବାକୁ ସାଲେପୁର ଜେଏମ୍ଏଫ୍‌ସି କୋର୍ଟଙ୍କୁ କହିଥିଲେ ହାଇକୋର୍ଟ। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସାଲେପୁର ଜେଏମ୍ଏଫସି କୋର୍ଟ ଅଭିଯୋଗକାରୀ ଓ ସାକ୍ଷୀମାନଙ୍କ ବୟାନ ରେକର୍ଡ କରିଥିଲେ। ସେମାନଙ୍କ ବୟାନରୁ ସ୍ପଷ୍ଟ ହୋଇଥିଲା ଯେ ଏହି ମାମଲାରେ ପ୍ରତାପଙ୍କ ବିରୋଧରେ ହତ୍ୟା, ହତ୍ୟା ଷଡ଼ଯନ୍ତ୍ର ଓ ଧମକ ଦେବା ଭଳି ଯେଉଁ ଅଭିଯୋଗ ରହିଛି, ତା'ପଛରେ ପ୍ରମାଣଯୋଗ୍ୟ ତଥ୍ୟ ରହିଛି। ▶▶ପୃଷ୍ଠା ୭

# ଆପାର୍ଟମେଣ୍ଟରେ ଲାଗିଲା ନିଆଁ: ଜୀଅନ୍ତା ଜଳିଗଲେ ୭ ଜଣ, ୪୦ରୁ ଊର୍ଦ୍ଧ୍ୱ ଗୁରୁତର



ମୁମ୍ବାଇ, ୦୬/୧୦ : ମୁମ୍ବାଇର ଗୁରଗାଁଓରେ ଆଜି ଭୋରରୁ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏକ ୭ ମହଲା ବିଶିଷ୍ଟ ଆପାର୍ଟମେଣ୍ଟରେ ନିଆଁ ଲାଗିବାରୁ ୭ ଜଣ ଜୀବନ୍ତ ଦଗ୍ଧ ହୋଇ ଯାଇଥିବା ବେଳେ ୪୦ରୁ ଊର୍ଦ୍ଧ୍ୱ ଜଣ ଗୁରୁତର ହୋଇଛନ୍ତି। ଆଜି ଭୋର ପ୍ରାୟ ୩ଟା ବେଳେ ଏହି ଅଘଟଣ ଘଟିଛି। ପ୍ରଥମେ ଆପାର୍ଟମେଣ୍ଟର ପାର୍କିଂ ଏରିଅରେ ନିଆଁ ଲାଗିଥିବା ପ୍ରାଥମିକ ତଦନ୍ତରୁ ଜଣାଯାଇଛି। ଏହି ଅଗ୍ନିକାଣ୍ଡ ଯୋଗୁ ଆପାର୍ଟମେଣ୍ଟ ତଳେ ପାର୍କ ହୋଇଥିବା ବହୁ କାର ଓ ବାଇକ୍ ହୁତୁହୁତୁ ▶▶ପୃଷ୍ଠା ୭

# ଜମି ଜବରଦଖଲ ଉଦ୍ୟମ ପଣ୍ଡ

ଜୟପୁର, ୦୬/୧୦ (ନି.ପ୍ର): ଅଲ୍ ଇଣ୍ଡିଆ ରେଡିଓ କେନ୍ଦ୍ର କଲୋନୀ ନିକଟରେ ଥିବା ୩ ଏକର ଜମିରେ ଜିଲ୍ଲା ଜମି ଉପନିବନ୍ଧକଙ୍କ କାର୍ଯ୍ୟାଳୟ ଓ ପରିଚୟ ଗୃହ ନିର୍ମାଣ କରାଯିବ। ଏହି ଜମି ଜବର ଦଖଲହୋଇଥିବା ସୂଚନା ପାଇଁ ଜବରଦଖଲ ସଂପର୍କରେ ସୂଚନା ପାଇ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଟାଉନ ରାଜସ୍ୱ ନିରୀକ୍ଷକ ସୁରଜ ପଣ୍ଡାଙ୍କୁ ଧରି ଘଟଣାସ୍ଥଳକୁ ଯାଇ ତଦାରଖ କରି ଫେରିଥିଲେ। ପୌରପାଳିକା ପକ୍ଷରୁ ଜମିର ମାପଚୁପ ହୋଇଛି। ସେଭଳି ଜିଲ୍ଲା ଜମି ଉପନିବନ୍ଧକ (ଡିଏସଆର) ନିଳାମ୍ବର ପୂଜାରୀ ବି ଆରଆଇ ଶ୍ରୀ ପଣ୍ଡାଙ୍କୁ ନେଇ ଘଟଣା ସ୍ଥଳର ତଦାରଖ କରି ଜବରଦଖଲ ଉଦ୍ୟମ କରୁଥିବା ଲୋକଙ୍କୁ ତାଗିଦ୍ କରି ବୁଝାଇବାକୁ ଚେଷ୍ଟା କରିଥିଲେ। ତେବେ ସେମାନେ ଶୁଣୁ ନଥିଲେ ଆଜି ପୌର କାର୍ଯ୍ୟନିର୍ବାହୀଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଟାଉନ ଥାନା ଅଧିକାରୀ ସତ୍ୟା ନନ୍ଦ ପତ୍ର, ସଦର ଥାନା ଅଧିକାରୀ ଇଶ୍ୱର ତାଣ୍ଡି, ଡ଼ିଏସଆର ନୀଳାମ୍ବର ପୂଜାରୀ ଯାଇ ଜବରଦଖଲ ପଣ୍ଡ କରିଛନ୍ତି। ସୂଚନା ଅନୁଯାୟୀ, ସେହି ସ୍ଥାନରେ ଡିଏସଆର କାର୍ଯ୍ୟାଳୟ ପାଇଁ ତହସିଲ ପକ୍ଷରୁ ଏକ ଏକର ଜମି ଦିଆଯାଇଛି। କ୍ୱାର୍ଟର ନିର୍ମାଣ ପାଇଁ ୨କୋଟିର ବ୍ୟୟବରାଦ ପୂର୍ତ୍ତ ବିଭାଗ ପକ୍ଷରୁ କରାଯାଇଥିଲା। ଏହା ସହ ନଳକୂଅ ବି ଖୋଲାଯାଇଥିଲା। ଅନୁଦାନ ନ ଆସିବା ଫଳରେ ଏହି ସ୍ଥାନ ସେଭଳି ପଡ଼ି ରହିଥିଲା। ସେଭଳି ସେହି ସ୍ଥାନ ନିକଟରେ ପୌରପାଳିକାର ପରିଚୟ ଗୃହର ବି ନିର୍ମାଣ କରାଯିବା ଯୋଜନା ରହିଛି। ତେବେ ଏହାର ବି କାମ ଆରମ୍ଭ ହୋଇ ନଥିବା ବେଳେ କିଛି ଜମି ମାଫିଆ ଓ ଅସାମାଜିକ ମାନେ ଏହାର ସୁଯୋଗ ନେଇ କିଛି ଲୋକଙ୍କୁ ଜମି ଜବରଦଖଲ କରିବାକୁ ମତାଇଥିବା ପ୍ରଶାସନ ଯାଂଚ ବେଳେ ଜାଣିବାକୁ ପାଇଛି। ତେବେ ପ୍ରଶାସନ ପକ୍ଷରୁ ଏହି ଜମି ସହ ହାନାଗୁଡାର ୬ଏକର ସରକାରୀ ଜମିରେ ହୋଇଥିବା ଜବରଦଖଲ ଉଚ୍ଛେଦ କରିବା ଯୋଜନା ରହିଥିବା କହିଛନ୍ତି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ।

# ଭାରତୀ ସିଂଙ୍କୁ ନ୍ୟାୟ ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ସମୀର ମହାନ୍ତି

ଭୁବନେଶ୍ୱର, ୦୬/୧୦ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ରାଜ୍ୟ ବିଜେପି ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି। ବ୍ୟାଙ୍କ ମିତ୍ର ଭାବେ କାର୍ଯ୍ୟ କରୁଥିବା ଭାରତୀ ସିଂଙ୍କୁ ନିଲମ୍ବନ କରାଯିବା ପ୍ରସଙ୍ଗରେ ନବୀନଙ୍କୁ ଚିଠି ଲେଖିଲେ ସମୀର। ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ମୟୂରଭଞ୍ଜ ଜିଲ୍ଲାର ଝିଅ ଭାରତର ରାଷ୍ଟ୍ରପତି ହୋଇଛନ୍ତି। ସେହି ଜିଲ୍ଲାର ଝିଅର ଦୁଃଖ ନଶୁଣି ଚାକିରିରୁ ନିଲମ୍ବନ କରିବା ଚିନ୍ତାଜନକ। ଏହା ମହିଳା ସଶକ୍ତିକରଣ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଭିଯୋଗ ଶୁଣିବା ପରିବର୍ତ୍ତେ ଚାକିରିରୁ ବହିଷ୍କାର କରିବା ଦୁର୍ଭାଗ୍ୟଜନକ ବୋଲି ସମୀର ମହାନ୍ତି କହିଛନ୍ତି। ମୟୂରଭଞ୍ଜ ଜିଲ୍ଲା ବାରିପଦା ନିର୍ବାଚନ ମଣ୍ଡଳୀ, ଖୁଂଟା ବ୍ଲକ ବନ୍ଧଗୋଡା ଗ୍ରାମ ପଂଚାୟତର ଆଦିବାସୀ ମହିଳା ଶ୍ରୀମତୀ ଭାରତୀ ସିଂ ମିଶନ ଶକ୍ତି ଅଧୀନରେ ବ୍ୟାଙ୍କ୍ ମିତ୍ର ଭାବରେ କାର୍ଯ୍ୟ କରି ନିଜର ପରିବାର ଭରଣପୋଷଣ କରୁଥିଲେ। ପଂଚାୟତରେ ଦୀର୍ଘ ବର୍ଷ ଧରି କାମ କରୁଥିଲେ। ନିଜର କାମରେ ଭଲ ପ୍ରଦର୍ଶନ ପାଇଁ ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ମିଶନ ଶକ୍ତି ଦ୍ୱାରା ତାଙ୍କୁ ପୁରସ୍କୃତ ମଧ କରିଛନ୍ତି। ବ୍ୟାଙ୍କ୍ ମିତ୍ର ଚାକିରୀ ପାଇଁ ତାଙ୍କୁ ମାସିକ ୬୦୦୦ଟଙ୍କା ଗ୍ରାମ ପଂଚାୟତସ୍ତରୀୟ ଫେଡେରେସନ ଦ୍ୱାରା ଆର୍ଥିକ ଅନୁଦାନ ମିଳିଥାଏ। ଏତିକି ଅର୍ଥରେ ପରିବାର ଗୁଜୁରାଣ ମେଂଟୁ ନଥିବାରୁ ସେ ତାଙ୍କ ଅସୁବିଧା ବିଷୟରେ ନିଜ ଉପରୋକ୍ତ ଅଧିକାରୀଙ୍କୁ ଜଣାଇବା ସହ ଅତିରିକ୍ତ ଆର୍ଥିକ ରାଶି ଦେବା ପାଇଁ ଦାବି କରିଥିଲେ। ତାଙ୍କ କଥାକୁ କେହି କର୍ଣ୍ଣପାତ ନକରିବା କାରଣରୁ ସେ ନିଜର ଅଧିକାର ପାଇଁ ଭୁବନେଶ୍ୱର ଆସି ଲୋୟର ପିଏମ୍ଜିରେ ଗଣମାଧ୍ୟମ ସମ୍ମୁଖରେ ନିଜ ଦାବି ଉପସ୍ଥାପନ କରିଥିଲେ। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଥିଲେ ୫ଟି ସଚିବ ରାଜ୍ୟର ସମସ୍ତ ଜିଲ୍ଲା ବୁଲି ଯେଉଁ ଅଭିଯୋଗ ଗ୍ରହଣ କରିଥିଲେ ସେଥିରେ ବ୍ୟାଙ୍କ୍ ମିତ୍ର ମାନେ ମଧ ତାଙ୍କୁ ଅଭିଯୋଗ ଦେଇଥିଲେ। କିନ୍ତୁ ଅଭିଯୋଗର ସମାଧାନ ପାଇଁ କୌଣସି ତତ୍ପରତା ପ୍ରକାଶ କରାଯାଇନଥିବା ସେ ଗଣମାଧମ ସମ୍ମୁଖରେ କହିଥିଲେ। ଆପଣ ଯଦି ଚିନ୍ତା କରିବେ, ଆଜିର ସମୟରେ ୬୦୦୦ ଟଙ୍କାରେ ମାସକୁ କୁଟୁମ୍ବର ତିନି ପ୍ରାଣୀଙ୍କୁ ଚଳାଇବା କାଠିକର। ତାଙ୍କ ପ୍ରତିକ୍ରିୟାକୁ ନେଇ ଜିଲ୍ଲା ପ୍ରଶାସନ ଗରିବ ଶ୍ରୀମତୀ ସିଂଙ୍କୁ ତାଙ୍କ ଚାକିରୀରୁ ବହିଷ୍କୃତ କରିବା ଦୁଃଖର ବିଷୟ। ଏହି ଖବର ପ୍ରତ୍ୟେକ ଓଡିଆଙ୍କୁ ଦୁଃଖ ଦେଇଛି। ରାଜ୍ୟ ସରକାର ମହିଳା ସଶକ୍ତିକରଣ କଥା କହୁଛନ୍ତି। କିନ୍ତୁ ଜଣେ ଗରିବ ମା' ର ଗୁହାରି ନଶୁଣି ତାଙ୍କୁ ଚାକିରୀରୁ ନିଲମ୍ବିତ କରିବା ଶୋଭନୀୟ ନୁହେଁ। ଏହି ବିଷୟ ମହିଳା ସଶକ୍ତିକରଣ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୟୂରଭଞ୍ଜ ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରୁ ଆମ ଓଡିଶାର ଝିଅ ରାଷ୍ଟ୍ରପତି ହୋଇଛନ୍ତି। କିନ୍ତୁ ସେହି ଜିଲ୍ଲାରେ ଝିଅଙ୍କ ଦୁଃଖ ନଶୁଣି ଚାକିରୀରୁ ବହିଷ୍କାର କରିବା ଅତ୍ୟନ୍ତ ଚିନ୍ତାଜନକ ବୋଲି ସମୀର କହିଛନ୍ତି।

ଏଭଳି ସମ୍ବେଦନଶୀଳ ଘଟଣାକୁ ମୁଖ୍ୟମନ୍ତ୍ରୀ ବିଚାରକୁ ନେଇ ଭାରତୀ ସିଂଙ୍କୁ ପୁଣି ଥରେ ଚାକିରୀରେ ଅବସ୍ଥାପିତ କରାଇ ତାଙ୍କୁ ଯଥୋଚିତ ନ୍ୟାୟ ପ୍ରଦାନ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି ସମୀର ମହାନ୍ତି।

## ସାଇବର ସେଫଟି ଉପରେ ସଚେତନତା ବୈଠକ

ଜୟପୁର, ୦୬/୧୦ (ନି.ପ୍ର): ଜୟପୁର ପୌର ସଭା ଗୃହରେ ସାଇବର ସେଫଟି ଉପରେ ସଚେତନତା ବୈଠକ ଅନୁଷ୍ଠିତ ହୋଇଛି। ଜୟପୁର ପୋଲିସ ଦ୍ୱାରା ଆୟୋଜିତ ବୈଠକରେ ଏସଡିପିଓ ହରିସ ବିସି, ତହସିଲଦାର ସାଗରିକା ଷଡଙ୍ଗୀ, ବିଡିଓ ରାଜୀବ ଦାସ, ପୌର କାର୍ଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ବିଇଓ ଚନ୍ଦନ ନାୟକ, ରାସ୍ତା ଓ ଗୃହ ବିଭାଗର ଏସଡିଓ ସମୋନାଥ ତ୍ରିପାଠି, ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି, ଟାଉନ ଥାନା ଅଧିକାରି ସତ୍ୟା ନନ୍ଦ ପାତ୍ର ସହ ବିଭିନ୍ନ ବିଭାଗର ଅଧିକାରି ଓ ବ୍ୟାଙ୍କ ଶାଖା ପରିଚାଳକ ମାନେ ଉପସ୍ଥିତ ଥିଲେ। ଆସନ୍ତା ୮ ତାରିଖରେ ଜୟପୁରରେ ସାଇବର ସେଫଟି ଉପରେ ସଚେତନତା କାଯ୍ୟକ୍ରମ ଅନୁଷ୍ଠିତ ହେବ। ୧୦ କିମି ମିନିମାରାଥନ, ୨୦ କିମି ସାଇକେଲ ଶୋଭାଯାତ୍ରା, ବାଇକ ଶୋଭାଯାତ୍ରା, ପଥ ପ୍ରନ୍ତ ନାଟକ ଆୟୋଜିନ ହେବ। ଆଜି ଠାରୁ ହାଇସ୍କୁଲ, କଲେଜ ଓ ୟୁନିଭରସିଟି କୁଇଜ ପ୍ରତିଯୋଗତା ଆୟୋଜନ ହୋଇଛି। ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ରବିବାର ବ୍ୟାଙ୍କ ମାନେ ଷ୍ଟଲ ପକାଇ ସାଇବର ସେଫଟି ଉପରେ ସଚେତନ କରାଯିବ। କୁଇଜ ପ୍ରତିଯୋଗିତା କୃତିତ୍ୱ ହାସଲ କରିଥିବା କୃତି ପ୍ରତିଯୋଗିଙ୍କୁ ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟ ରେ ରବିବାର ପୁରସ୍କୃତ କରାଯିବା। ସାଇବର ରଥ ୮ ତାରିଖ ଟାଉନ ଥାନା ରେ ପହଂଚିବା ପରେ ସ୍ୱାଗତ କରିବା ପରେ ସହର ଓ ଗ୍ରାମାଂଚଳ ପରିକ୍ରମା କରାଯାଇ ସାଇବର ସେଫଟି ଉପରେ ସଚେତନ କରିଯିବ। ଏହି ବୈଠକରେ ବିଭିନ୍ନ ବିଭାଗର ଆଧିକାରି ମାନେ ଉପସ୍ଥିତ ଥିଲେ।

# ଦୁର୍ଗାପୂଜା ଭସାଣି ଉପରେ ପ୍ରଶାସନିକ ଅଙ୍କୁଶ : ଅନୁମତି ପାଇଁ ଜିଲ୍ଲାପାଳଙ୍କୁ ଭେଟିଲା ପୂଜା କମିଟି

ସମ୍ବଲପୁର, ୦୬/୧୦ (ନି.ପ୍ର): ଚଳିତ ବର୍ଷର ସମ୍ବଲପୁରରେ ହେବନି ଶାରଦୀୟ ଭସାଣି ଶୋଭାଯାତ୍ରା। ସମ୍ବଲପୁର ମହାନଗର ନିଗମ ଅଂଚଳରେ ସମ୍ପ୍ରତି ଜିଲ୍ଲା ପୋଲିସ ପ୍ରଶାସନ ଏହିଭଳି ଧାର୍ମିକ ଶୋଭାଯାତ୍ରା ଉପରେ ବର୍ତମାନ ରୋକ୍ ଲଗାଇଥିବା ଜଣାଯାଇଛି। ସହରରେ ଗଣେଶ ପୂଜା, ଦୁର୍ଗା ପୂଜା, ବିଶ୍ୱକର୍ମା ପୂଜା ଆଦି ସମସ୍ତ ପୂଜା ଅନୁଷ୍ଠିତ ହେବ, ମାତ୍ର ହେବନି ଭସାଣୀ ଶୋଭାଯାତ୍ରା। ଏଭଳି ନିଷ୍ପତି ନେବା ପରେ ସମ୍ବଲପୁର ପୋଲିସ ପ୍ରଶାସନର ଦକ୍ଷତା ପ୍ରତି ନିର୍ଦ୍ଦିଷ୍ଟ କେତେକ ମହଲରୁ ସନ୍ଦେହ ପ୍ରକାଶ ପାଇଛି। ଯାହା ମହାନଗର ନିଗମ ଅଂଚଳର ଦୁର୍ଗାପୂଜା କମିଟି ଗୁଡ଼ିକ ପାଇଁ ଏକ ସମସ୍ୟା ଭାବେ ଉଭାହୋଇଛି। ଫଳରେ ମହାନଗର ଅନ୍ତର୍ଗତ ସମସ୍ତ ଦୁର୍ଗାପୂଜା କମିଟି ଏକାଠି ହୋଇ ଏକ ମିଳିତ କ୍ରିୟାନୁଷ୍ଠାନ କମିଟି ଗଠନ କରି ଏହି ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିଛନ୍ତି।

ସୂଚନାନୁଯାୟୀ, ସମ୍ବଲପୁରରେ ଦୁର୍ଗାପୂଜା ଭସାଣୀ ଶୋଭଯାତ୍ରା ଅତି ଯାକଯମକରେ ଅନୁଷ୍ଠିତ ହୋଇଥାଏ। ମାତ୍ର ଚଳିତ ବର୍ଷ ପୋଲିସ ପ୍ରଶାସନର କଟକଣା ସମ୍ବଲପୁର ଇତିହାସରେ ପ୍ରଥମ। ଏଭଳି ସ୍ଥିତିରେ ସମ୍ବଲପୁର ମହାନଗର ନିଗମର ସମସ୍ତ ଦୁର୍ଗାପୂଜା କମିଟିର ସଦସ୍ୟମାନେ ଏକାଠି ସମ୍ବଲପୁର ଜିଲ୍ଲାପାଳଙ୍କୁ ଭେଟି ଏହାର ବିଧିବଦ୍ଧ ସମାଧାନ ପାଇଁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ଦୁର୍ଗାପୂଜା ଭସାଣୀ ଶୋଭାଯାତ୍ରା କରିବାକୁ ଅନୁମତି ଦେବାକୁ ଦାବି କରିଛନ୍ତି। ମାତ୍ର ଏନେଇ ସମ୍ବଲପୁର ଜିଲ୍ଲାପାଳ ନିଜେ କୌଣସି ସ୍ପଷ୍ଟ ମତ ଦେଇ ନାହାଁନ୍ତି।

ସୂଚନାଯୋଗ୍ୟ ଯେ, ଗତ ଅପ୍ରେଲ ୧୨ ତାରିଖରେ ହନୁମାନ ଜୟନ୍ତୀ ସଚେତନତା ରାଲି ଅନ୍ତର୍ଗତ ବାଇକ୍ ଶୋଭାଯାତ୍ରା ଉପରେ ଏକ ନିର୍ଦ୍ଦିଷ୍ଟ ଅଂଚଳରେ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ପକ୍ଷରୁ ପଥର ମାଡ଼ ହୋଇଥିଲା। ଏହି ଘଟଣାରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଟାଉନଥାନା ଅଧିକାରୀ, ଧନୁପାଲିଥାନା ଅଧିକାରୀଙ୍କ ସହ ବହୁ ପୁଲିସକର୍ମୀ ଓ ଶୋଭାଯାତ୍ରାରେ ସାମିଲ ଯୁବକ ଗୁରୁତର ଆହତ ହୋଇଥିଲେ। ସେହିପରି ଦୁଇଦିନ ପରେ ଅର୍ଥାତ ଅପ୍ରେଲ ୧୪ ତାରିଖରେ ଅନୁରୂପ ଭାବେ ଉକ୍ତ ଗୋଷ୍ଠୀ ପକ୍ଷରୁ ପୁନର୍ବାର ପଥରମାଡ଼ ହୋଇଥିଲା। ଫଳରେ ଏହାର ହନୁମାନ ଜୟନ୍ତୀ ଶୋଭାଯାତ୍ରାକାରୀ ଦଳ ପ୍ରତିକ୍ରିୟାଶୀଳ ହେବାରୁ ବ୍ୟାପକ ହିଂସାକାଣ୍ଡ ସଂଘଟିତ ହୋଇଥିଲା। ହିଂସାକାଣ୍ଡରେ ବହୁ ଯୁବକ ଆହତ ହୋଇଥିଲେ। ଜଣେ ଆଦିବାସୀ ଯୁବକଙ୍କ ହତ୍ୟା ମଧ ହୋଇଥିବା ବେଳେ ଅନ୍ୟ ଜଣେ ହରିଜନ ଯୁବକଙ୍କ ହାତ ଆଙ୍ଗୁଠି କଟି ଯାଇ ଗୁରୁତର ଆହତ ହୋଇଥିଲେ। ଏହି ଘଟଣାରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକେ ସମ୍ପୃକ୍ତ ଥିବା ସେତେବେଳେ ବିଭିନ୍ନ ମହଲରେ ଚର୍ଚ୍ଚା ହୋଇଥିଲା। ଜିଲ୍ଲା ପ୍ରଶାସନ ଏହାକୁ ଖଣ୍ଡନ କରିଥିଲେ ହେଁ ଏହି ଘଟଣାକୁ ନେଇ ଜାତୀୟ ଅନୁସୂଚିତ ଜାତି ଓ ଜନଜାତି କମିଶନଙ୍କ ଏକ ଦଳ ସମ୍ବଲପୁର ପରିଦର୍ଶନ କରି ସମ୍ବଲପୁର ଜିଲ୍ଲାପାଳ ଓ ଏସପିଙ୍କୁ କୈଫିୟତ ତଲବ କରିଥିଲା। ଏହିଭଳି ସ୍ଥିତିରେ ଜିଲ୍ଲା ପ୍ରଶାସନ କୌଣସି ଧାର୍ମିକ ଶୋଭାଯାତ୍ରାକୁ ଅନୁମତି ଦେଇ ଅଡୁଆରେ ପଡ଼ିବାକୁ ଚାହୁଁ ନଥିବା ବେଶ୍ ଚର୍ଚ୍ଚା ହେଉଛି।

# କନ୍ଧମାଳରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

କନ୍ଧମାଳ/ଭୁବନେଶ୍ୱର, ୦୫ ଅକ୍ଟୋବର - ରାଷ୍ଟ୍ର ପାଇଁ ବଳିଦାନ ଦେଇଥିବା ଅମର 'ବୀର'ମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଦେବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବ୍ୟାପୀ ଦେଇଥିବା ଆହ୍ୱାନ କ୍ରମେ ଆଜି ଆୟୋଜିତ "ମୋ ମାଟି ମୋ ଦେଶ" ଅଭିଯାନରେ ରାଜ୍ୟ ସଭାପତି ମନମୋହନ ସାମଲ ସାମିଲ ହୋଇଛନ୍ତି। ଦେଶର ଏକତା, ଅଖଣ୍ଡତା ପାଇଁ ଯବାନମାନେ ଲଢ଼ି ପ୍ରାଣବଳି ଦେଇ ସହିଦଙ୍କ ସ୍ମୃତି ରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ମୋଦିଜୀ ଆହ୍ୱାନ ଦେଇଛନ୍ତି। ଦେଶର ଅଖଣ୍ଡତା ପାଇଁ ଯେଉଁ ଯବାନମାନେ ଲଢୁଛନ୍ତି ସେମାନଙ୍କ ସ୍ମୃତି ରକ୍ଷା ପାଇଁ ମୋଦିଜୀ ଆହ୍ୱାନ କ୍ରମେ ଆଜି ଯବାନମାନଙ୍କ ସ୍ମୃତି ପାଇଁ "ମାଟି ସଂଗ୍ରହ" କରିଛନ୍ତି। ଏହି ମାଟି ଦିଲ୍ଲୀ ଯିବ, ସେଠାରେ ସହିଦଙ୍କ ପାଇଁ ଏହା ଏକ ବଡ ସ୍ମାରକୀ ହେବ। ଏହି ସ୍ମାରକୀ ଦେଶମାତୃକା ପାଇଁ ସର୍ବୋଚ୍ଚ ବଳିଦାନ କରିଥିବା ବୀର ଯବାନମାନଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ ହେବ ବୋଲି ଶ୍ରୀ ସାମଲ କହିଛନ୍ତି। ଆଜି ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ନୟାଗଡ ଜିଲ୍ଲା ଦଶପଲ୍ଲା ନିର୍ବାଚନ ମଣ୍ଡଳୀ, କନ୍ଧମାଳ ଜିଲ୍ଲା ଖଜୁରୀପଡା, ଦୁକ୍ତିମେଣ୍ଢୀ, ଫୁଲବାଣୀ, ଟିକାବାଲି ଠାରେ ସ୍ୱାଗତ କରାଯାଇଥିଲା। ଏହାପରେ ଶ୍ରୀ ସାମଲ ଶହୀଦ ସୁନାଶିର ମହାନ୍ତିଙ୍କ ପରିବାରକୁ ଭେଟି ଆଲୋଚନା କରିବା ସହ କଳସରେ ମାଟି ସଂଗ୍ରହ କରିଥିଲେ ଓ ରାଇକିଆ ବ୍ଲକ ବିଅରିପାଙ୍ଗା ଗାଁ ଶହୀଦ ଚନ୍ଦ୍ରକାନ୍ତ ପ୍ରଧାନଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଦେଇ ତାଙ୍କ ପରିବାରଠାରୁ ମାଟି ସଂଗ୍ରହ କରିଛନ୍ତି। ଏହାପରେ ଫୁଲବାଣୀରେ ମଟୋର ସାଇକେଲ ରାଲି କରାଯାଇଥିଲା। ଫୁଲବାଣୀରେ ଅନୁଷ୍ଠିତ କାର୍ଯ୍ୟକର୍ତା ବୈଠକରେ ଯୋଗ ଦେଇ ଦଳୀୟ କାର୍ଯ୍ୟ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ଓ ସମୀକ୍ଷା କରିଥିଲେ ଶ୍ରୀ ସାମଲ। ରାଷ୍ଟ୍ର ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ଅମର 'ଯବାନ'ମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଦେବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା ଆହ୍ୱାନକ୍ରମେ ଦେଶବ୍ୟାପୀ 'ମୋ ମାଟି, ମୋ ଦେଶ" କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। 'ମାଟିକୁ ପ୍ରଣାମ ଓ ବୀରଙ୍କୁ ବନ୍ଦନା' ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଦେଶର ପ୍ରତି ଗାଁ, ପଂଚାୟତ, ବ୍ଲକ, ସହର, ନଗର, ପୌରପାଳିକା ଅଂଚଳରେ ବୀର ସ୍ୱାଧୀନତା ସଂଗ୍ରାମୀ ଓ ଯବାନଙ୍କ ବଳିଦାନ ସ୍ମୃତିରେ ଏହି କାର୍ଯ୍ୟକ୍ରମ ଆୟୋଜନ ହେଉଛି।

ଏହି ଅବସରରେ ଜିଲ୍ଲା ସଭାପତି ଜଗନ୍ନାଥ ସାହୁ, ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁକାନ୍ତ ପାଣିଗ୍ରାହୀ, ପୂର୍ବତନ ଜିଲ୍ଲା ସଭାପତି ଲିଙ୍ଗରାଜ ଦଳବେହେରା, ବନ ମହାନ୍ତି ପ୍ରମୁଖଙ୍କ ସମେତ ଜିଲ୍ଲାର ପ୍ରମୁଖ ନେତୃବୃନ୍ଦ ଓ ଶତାଧିକ କାର୍ଯ୍ୟକର୍ତା ସାମିଲ ହୋଇଥିଲେ।

# ସହ ଶିକ୍ଷୟିତ୍ରୀଙ୍କ ଦବଙ୍ଗଗିରି: ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମାଡ ମାରିଥିବା ଅଭିଯୋଗ

ମୁଖୀଗୁଡା, ୦୬/୧୦ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣା ଗୋଷ୍ଠୀଶିକ୍ଷା ଅଧୀନରେ ଥିବା କୋଟପାଡ଼ି ପ୍ରାଥମିକ ବିଦ୍ୟାଳୟର ସହ ଶିକ୍ଷୟିତ୍ରୀ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମାଡ଼ ମାରିଥିବା ଘଟଣା ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।ସୂଚନା ଅନୁଯାୟୀ ପ୍ରାଥମିକ ବିଦ୍ୟାଳୟର ସହ ଶିକ୍ଷୟତ୍ରୀ ଭୃଗୁଲତା ଠାକୁର ଓ ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ଖଟୁଆଙ୍କ ମଧ୍ୟରେ ଗତ କିଛି ମାସ ହେଲା ବଚସା ଲାଗି ରହିଥିଲା।ଏ ନେଇ ଗ୍ରାମବାସୀ ମଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କ ଠାରେ ଅଭିଯୋଗ କରିଥିଲେ।ସହ ଶିକ୍ଷୟିତ୍ରୀ ଭୃଗୁଲତା ଠାକୁର ବିନା କାରଣରେ ସ୍କୁଲ ରେ ଅନୁପସ୍ଥିତ ରହୁଥିବା ବେଳେ ଛାତ୍ରଛାତ୍ରୀ ଙ୍କ ପାଠ ପଢାରେ ମଧ ବହୁ ଅବହେଳା କରୁଥିଲେ।ଯାହାକୁ ନେଇ ପ୍ରଧାନ ଶିକ୍ଷୟିତ୍ରୀ ତାଗିଦ କଲେ ଟିକିଏ ମଧ କର୍ଣ୍ଣପାତ କରୁନଥିଲେ।ସହ ଶିକ୍ଷୟିତ୍ରୀଙ୍କ ଶିକ୍ଷାଦାନ ରେ ବାରମ୍ବାର ଅବହେଳା ଓ ଅଧିକାରୀ ଙ୍କ କାର୍ଯ୍ୟାନୁଷ୍ଠାନ ନନେବା ନେଇ ଆଜି ଗ୍ରାମବାସୀ ବିଦ୍ୟାଳୟ କୁ ତାଲା ପକାଇ ଥିଲେ।ତେବେ ସହ ଶିକ୍ଷୟିତ୍ରୀ ବିଦ୍ୟାଳୟ କୁ ପହଂଚି ଏହା ଦେଖିବା ମାତ୍ରେ ଉପସ୍ଥିତ ଥିବା ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ହଠାତ ଦୁଇ ଥାପଡ଼ ମାଡ଼ ମାରିଥିବା ଅଭିଯୋଗ କରିଛନ୍ତି ପ୍ରଧାନ ଶିକ୍ଷୟିତ୍ରୀ। ଅନ୍ୟପକ୍ଷରେ ଦୀର୍ଘ ଦିନ ରୁ ଅଭିଯୋଗ ପରେ ମଧ ବିଭାଗୀୟ ଅଧିକାରୀ ଏହାକୁ ଆବଶ୍ୟକ ମନେ କରିନଥିବା ବେଳେ ଆଜି ଏଭଳି ଘଟଣା ଦେଖିବାକୁ ମିଳିଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଘଟଣା ପରେ ବିଆରସି ସି ଏବଂ ଏବିଇଓ ବିଦ୍ୟାଳୟରେ ପହଁଚି ଘଟଣାର ଅନୁସନ୍ଧାନ କରିବା ସହ ପଦକ୍ଷେପ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ପୁରୀ ନଗର କଂଗ୍ରେସ (ଖ) ପକ୍ଷରୁ ଘରେ ଘରେ କଂଗ୍ରେସ କାର୍ଯ୍ୟକ୍ରମ

ପୁରୀ, ୦୬/୧୦ (ନି.ପ୍ର): ପୁରୀ ନଗର କଂଗ୍ରେସ (ଖ) ପକ୍ଷରୁ ସଭାପତି ଅମରେନ୍ଦ୍ର ପାଇକରାୟଙ୍କ ନେତୃତ୍ୱ ରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଙ୍କ ଆହ୍ୱାନ କ୍ରମେ ବିଜେଡ଼ି / ବିଜେପିର ପ୍ରତିଶ୍ରୁତି ଓ ପ୍ରତାରଣା, କୃଷି ଓ କୃଷକଙ୍କ ସମସ୍ୟା, ବେକାର ଯୁବକ ଓ ଯୁବତୀଙ୍କ ନିଯୁକ୍ତି ସମସ୍ୟା, ବିପର୍ଯ୍ୟୟ ସ୍ୱାସ୍ଥ୍ୟ ବ୍ୟବସ୍ଥା, ବସ୍ତି ବାସିନ୍ଦା ଓ ଗରିବ ବାସହୀନଙ୍କ ସମସ୍ୟା, ବିଜେଡ଼ି ସରକାର ରେ ୨୩ ବର୍ଷ ମହାଦୁର୍ନୀତି ର ଚିଠା, ଓ କଂଗ୍ରେସ ଶାସନ ସମୟର ଓଡିଶା ପ୍ରତି ଅବଦାନକୁ ନେଇ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଅଛି। ଏହି ପଦଯାତ୍ରା ରେ କଂଗ୍ରେସ ନେତା ଓ କର୍ମୀ ମାନେ ଘର ଘର ବୁଲି ବିଜେଡ଼ି ଓ ବିଜେପି ମିଳିତ ସରକାର ର ନିର୍ବାଚନ ଇସ୍ତାହାର କିଭଳି ପ୍ରତାରଣା ରେ ପରିଣତ ହେଲା ଯାହା ଫଳରେ ଅହେତୁକ ଦରଦାମ ବୃଦ୍ଧି ସହ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିବା ଆଦି ସମସ୍ତ ବିଷୟ ଘର ଘର ବୁଲି କଂଗ୍ରେସ ଦଳର ଏକ ଲିଫ୍ଟଲେଟ ମାଧ୍ୟମରେ ପ୍ରଚାର କରାଯାଇ ଥିଲା। ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା କଂଗ୍ରେସ ସଭାପତି ଜଇ ନାରାୟଣ ପଟ୍ଟନାୟକ, ଏଆଇସିସି ପୁର୍ବତନ ସଭ୍ୟ ସୁଜିତ୍ ମହାପାତ୍ର, ବିନାୟକ ଦାସ ମହାପାତ୍ର, ବିଦ୍ୟୁତ୍ ଲତା ଆଚାର୍ଯ୍ୟ, ପିସିସି ସମ୍ପାଦକ ବିଶ୍ୱନାଥ ଦାସ, ପୁର୍ବତନ ପୌର ସଦସ୍ୟ ସୀତାକାନ୍ତ ମହାନ୍ତି, ଜିଲ୍ଲା ଉପ ସଭାପତି ନିରଞ୍ଜନ ରଥ, ଜିଲ୍ଲା ସାଧାରଣ ସମ୍ପାଦକ, ପ୍ରେମଜିତ୍ ମହାନ୍ତି, ନୂତନ ଦାସ ମହାପାତ୍ର,ପୁରୀ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ମିଶ୍ର, ବିଶ୍ୱରଂଜନ ମହାପାତ୍ର, ଚେତନ ମିଶ୍ର, ଶ୍ରୀବତ୍ସ ରଥ, ଆଦର୍ଶ ମିଶ୍ର, ଆଲୋକ ସାହୁ, ନିରଞ୍ଜନ ନାୟକ, ସସ୍ମିତା ସ୍ୱାଇ ଜିଲ୍ଲା ମୁଖପାତ୍ର ସ୍ୱାଧୀନ କୁମାର ପଣ୍ଡା ଯୋଗ ଦେଇ ଥିଲେ ଏହି କାର୍ଯ୍ୟକ୍ରମକୁ ସୁକାନ୍ତ ପ୍ରଧାନ ସଂଯୋଜନା କରିଥିଲେ।

# ପୂଜା ସମୟରେ ସହର ହେବ କ୍ରାଇମ ଫ୍ରି : ଡିସିପି

ଭୁବନେଶ୍ୱର, ୦୬/୧୦ (ନି.ପ୍ର): ପୂଜା ସମୟରେ ସହରକୁ କ୍ରାଇମ ଫ୍ରି କରିବା ପାଇଁ ପୋଲିସ ଆଲର୍ଟ ରହିଛି। ଦୁର୍ଗାପୂଜା ପୂର୍ବରୁ ସମସ୍ତ ଅପରାଧୀଙ୍କୁ ଜେଲ୍ ରେ ଭର୍ତି ପାଇଁ ସମସ୍ତ ଥାନା ଅଧିକାରୀଙ୍କୁ ଭୁବନେଶ୍ୱର ଡିସିପି ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସିନ୍ଧିଚୋରି ରୋକିବା ପାଇଁ ଗଳିକନ୍ଦିରେ ପିସିଆର ଘୂରି ବୁଲିବ। ସିସିଟିଭି ନଜରରେ ସାରା ସହର ରହିବ। ସେହିପରି ପୂଜା ପାଇଁ ନିୟମକୁ ସାମାନ୍ୟ କୋହଳ କରାଯାଇଛି। ରାତି ୧୦ଟା ପରିବର୍ତ୍ତେ ରାତି ୧୨ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଅନୁମତି ମିଳିଛି। ଭସାଣ ବେଳେ ଭାଇବ୍ରେଟ୍ ମ୍ୟୁଜିକ ବ୍ୟବହାର ନକରିବାକୁ କୁହାଯାଇଛି ବୋଲି ଭୁବନେଶ୍ୱର ଡିସିପି ପ୍ରତୀପ ସିଂ କହିଛନ୍ତି। ଗୁରୁବାର ଡିସିପି କହିଛନ୍ତି ଅକ୍ଟୋବର ମାସରେ ଦୁର୍ଗାପୂଜା ପଡୁଛି। ଭୁବନେଶ୍ୱର ପୋଲିସ୍ ଆଲର୍ଟ ରହିଛି। ପୂଜାକୁ କ୍ରାଇମ ଫ୍ରି କରିବାକୁ ଗତକାଲି ସବୁ ଥାନା ଆଇଆଇସି ମାନଙ୍କ ସହ ବୈଠକ କରାଯାଇଛି। ସମସ୍ତେ ଅଧିକ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। କେବଳ ରାଜ୍ୟ ନୁହେଁ ରାଜ୍ୟ ବାହାରର କ୍ରିମିନାଲଙ୍କ ଉପରେ ନଜର ରଖାଯିବ। ସନ୍ଦିଗ୍ଧ ଲୋକଙ୍କ ଗତିବିଧି ଉପରେ ନଜର ରଖାଯିବ। ପୂଜାରେ ଛୁଟି ରହୁଥିବାରୁ ଲୋକେ ଘରେ ତାଲା ପକାଇ ବାହାରକୁ ଯାଇଥାନ୍ତି। ଏହି ସମୟରେ ଚୋରି ପରି ଘଟଣା ଘଟିଥାଏ। ଏସମ୍ପର୍କରେ ଭୁବନେଶ୍ୱରବାସୀଙ୍କୁ ସଚେତନ କରିବାକୁ ଯୋଜନା କରିଛୁ। ସମସ୍ତ ପିସିଆର ଗାଡି ଓ ଥାନା ଅଧିକାରୀମାନେ ଆବାସିକ ସଂଘ ଓ କଲୋନୀକୁ ଯାଇ ଲୋକଙ୍କୁ ସଚେତନ କରାଯିବ। ଆଜି ବିଭିନ୍ନ ପୂଜା ମଣ୍ଡପର ସମସ୍ୟମାନଙ୍କ ସହ ସୁରକ୍ଷା, ଟ୍ରାଫିକ୍ ବ୍ୟବସ୍ଥା ନେଇ ଆଲୋଚନା କରାଯାଇଛି। ପୁରା ସହର ସିସିଟିଭି ନଜରରେ ରହିବ। ସୂଚନାଯୋଗ୍ୟ ଯେ ଏଥର ଭୁବନେଶ୍ୱରର ବିଭିନ୍ନ ମଣ୍ଡପରେ ପୂଜା ପାଇବେ ୧୮୩ଟି ମୃଣ୍ମୟୀ ମୂର୍ତି। ବୈଠକରେ ବରିଷ୍ଠ ପୁଲିସ ଅଧିକାରୀଙ୍କ ସହ ଭୁବନେଶ୍ୱରର ତିନି ବିଧାୟକ, ଅଗ୍ନିଶମ, ୱାଟକୋ, ଟାଟା ପାୱାର ଓ ଟ୍ରାଫିକର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୬ରୁ ମାଁ ସମଲେଶ୍ୱରୀଙ୍କ ଶାରଦୀୟ ପୂଜାତ୍ସୋବ ଆରମ୍ଭ

ସମ୍ବଲପୁର, ୦୬/୧୦ (ନି.ପ୍ର): ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଶାରଦୀୟ ପୂଜାତ୍ସୋବ ୬ ତାରିଖ ଠାରୁ ଆରମ୍ଭ ହୋଇ ଆଗାମୀ ୨୮ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ରୀତିନୀତିରେ ସମ୍ପର୍ଣ୍ଣ ହେବ। ଶାରଦୀୟ ପୂଜାତ୍ସୋବର ପ୍ରାରମ୍ଭରେ ୬ ତାରିଖରେ ମାଁ' ଙ୍କ ଷୋଳପୂଜା ଆରମ୍ଭ ହେବ। ଆସନ୍ତା ୧୪ ତାରିଖ ଠାରୁ ମହାଳୟା ପର୍ଯ୍ୟନ୍ତ ଅନ୍ୟାନ୍ୟ ରୀତିନୀତି ସମ୍ପର୍ଣ୍ଣ ହେବାକୁଥିବା ବେଳେ ମହାଳୟା ଦିନ ମାଁ ଧବଳମୁଖୀ ବେଶରେ ଶ୍ରଦ୍ଧାଳୁ ମାନଙ୍କୁ ଦର୍ଶନ ଦେବେ। ୧୫ ତାରିଖରେ ନବରାତ୍ର ପୂଜା ସହ ଅଖଣ୍ଡ ଦୀପ ପ୍ରଜ୍ୱଳନ,୧୬, ୧୭, ୧୮, ୧୯ ଓ ୨୦ ତାରିଖରେ ନିର୍ଦ୍ଧାରିତ ନୀତି ସରିବା ପରେ ୨୧ ତାରିଖରେ ପୀଠେ ମହାଷ୍ଟମୀ ନୀତି ପରେ ସନ୍ଧିପୂଜା ହେବ। ଏହି ଅବସରରେ ମାଁ'ଙ୍କ ଖଣ୍ଡାଧୁଆ ନୀତି ସମ୍ପର୍ଣ୍ଣ ପରେ ଆଖାଡା ନଗର ପରିକ୍ରମା, ୨୨ ତାରିଖରେ ମହା ନବମୀ ପୂଜା ପରେ ଆଖାଡା ନଗର ପରିକ୍ରମା, ୨୩ ତାରିଖରେ ବିଶ୍ରାମ ନୀତି ପରେ ୨୪ ତାରିଖରେ ମାଁ'ଙ୍କ ବିଜୟା ଦଶମୀ ନୀତି ସହ ଦଶହରା ପୂଜାତ୍ସୋବ ଓ ଶେଷରେ ରଣଜିତା ଉତ୍ସବ ଅନୁଷ୍ଠିତ ହେବ। ୨୮ ତାରିଖ କୁମାର ପୂର୍ଣ୍ଣିମା ଅବସରରେ ମାଁ' ରାଜରାଜେଶ୍ୱର ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ଏହି ଦିବସରେ ମନ୍ଦିରର ଚଉଡଆରଏ ନୂତନ ଧ୍ୱଜାରୋହଣ ନୀତି ମଧ ସମ୍ପର୍ଣ୍ଣ ହେବ ବୋଲି ଜଣାପଡିଛି।

# ଓଡ଼ିଶା ସରକାରଙ୍କ ଦୁର୍ନୀତି ଓ ଅପାରଗତାକୁ ସିଏଜି ପଦାରେ ପକାଇଛନ୍ତି: କଂଗ୍ରେସ

ଭୁବନେଶ୍ୱର, ୦୬/୧୦ (ନି.ପ୍ର): ଓଡ଼ିଶା ସରକାରଙ୍କ ବଜେଟର ଆକାର ଆଜି ବହୁତ ବଡ଼ ବୋଲି ମିଛ ପ୍ରଚାର କରିଚାଲିଛନ୍ତି। ବଜେଟରେ ବ୍ୟୟବରାଦ ହୋଇଥିବା ଖର୍ଚ୍ଚକୁ ଆଦୌ ଖର୍ଚ୍ଚ କରୁନାହାନ୍ତି। କିନ୍ତୁ ସେହି ବିଭାଗ ପାଇଁ ପୁଣି ଅତିରିକ୍ତ ବଜେଟ ଉପସ୍ଥାପନ କରୁଛନ୍ତି ଏବଂ ଅର୍ଥ ମଧ ବ୍ୟୟବରାଦ ହେଉଛି କିନ୍ତୁ ଏସବୁ ପ୍ରକୃତରେ ଓଡ଼ିଶାର ଜନସାଧାରଣଙ୍କୁ ଭେଳିକ ଦେଖାଉଛନ୍ତି ବୋଲି ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ଇସ୍ତାହାର କମିଟିର ଅଧକ୍ଷ ପୂର୍ବତନ ଅର୍ଥମନ୍ତ୍ରୀ ପଂଚାନନ କାନୁନଗୋ କହିଛନ୍ତି।

ସେ କହିଛନ୍ତି ରାଜ୍ୟ ସରକାରଙ୍କର ପ୍ରତିବର୍ଷ ବଜେଟର ୩୦% ରୁ ଅଧିକ କାର୍ଯ୍ୟକ୍ରମ (ପ୍ରୋଗାମ) ଖର୍ଚ୍ଚ ହୁଏ ନାହିଁ ଏବଂ ୧୫% ରେଭେନିୟୁ ଖର୍ଚ୍ଚ ହୁଏ ନାହିଁ। ଶହ ଶହ ଯୋଜନାକୁ ସରକାର ଘୋଷଣା କରନ୍ତି କିନ୍ତୁ ୨୦୨୧-୨୨ ଆର୍ଥିକ ବର୍ଷରେ ୯୩ଟି ଯୋଜନାର ବଜେଟରେ ଯେଉଁ ଅର୍ଥରାଶି ବ୍ୟୟବରାଦ ହୋଇଥିଲା ତାହା ଏକଟଙ୍କା ମଧ ଖର୍ଚ୍ଚ ହୋଇନାହିଁ। ୨୦୧୮-୧୯ ଆର୍ଥିକ ବର୍ଷରେ ୧୯ ହଜାର କୋଟି ଟଙ୍କା, ୨୦୧୯-୨୦ ରେ ୨୫ ହଜାର କୋଟି, ୨୦୨୦-୨୧ ରେ ୪୩ ହଜାର କୋଟି ଟଙ୍କା ୨୦୨୧-୨୨ ରେ ୪୦ ହଜାର କୋଟି ଟଙ୍କାର ବଜେଟର ବ୍ୟୟବରାଦ ରାଶିର ଖର୍ଚ୍ଚ ହୋଇପାରି ନାହିଁ। ଗତ ୪ ଆର୍ଥିକ ବର୍ଷରେ ୧ଲକ୍ଷ ୨୫ ହଜାର କୋଟି ଟଙ୍କା ଖର୍ଚ୍ଚ ନହୋଇ ଟଙ୍କା ପଡ଼ି ରହିଲା ଏହା ସରକାରଙ୍କର ଜନପ୍ରୀତି ନା ଜନବିରୋଧି ବୋଲି ସେ ପ୍ରଶ୍ନ କରିଛନ୍ତି। ସବୁଠାରୁ ବଡ଼ କଥା ହେଲା ୫ଟି ଅଧିନରେ ଥିବା କୃଷି ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ ନକରି ପାରିବାରୁ ଫେରି ଯାଇଛି। ଏହାଦ୍ୱାରା ରାଜ୍ୟରେ ପ୍ରୋଗାମ ଖର୍ଚ୍ଚ ବହୁପରିମାଣରେ କମି କମି ଯାଉଛି। ରାଜ୍ୟର ପ୍ରତ୍ୟେକ ବାସହୀନଙ୍କୁ ମୁଖ୍ୟମନ୍ତ୍ରୀ ୨୦୧୮ ମସିହା ସୁଧା ଛାତ ଘର ଯୋଗାଇ ଦେବେ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ସିଏଜି ତାଙ୍କ ରିପୋର୍ଟରେ କହିଛନ୍ତି ରାଜ୍ୟରେ ୮ଲକ୍ଷ ୫୯ ହଜାର ଆବାସ ଯୋଜନାର ହିତାଧିକାରୀଙ୍କ ନାମ ଗ୍ରାମସଭା ଏବଂ ପଂଚାୟତର ଲିଷ୍ଟରେ ଥିଲେ ମଧ ରାଜ୍ୟ ସରକାରଙ୍କ ଲିଷ୍ଟରେ ଅଦଳ ବଦଳ କରିଦିଆଯାଇଥିଲା। ଯଦ୍ୱାରାକି ୮ଲକ୍ଷ ୫୯ ହଜାର ହିତାଧିକାରୀ ଘର ପାଇବାରୁ ବଂଚିତ ହେଲେ। ଏପରିକି ରାଜ୍ୟରେ ଜଣେ ହେଲେ ଭୂମିହୀନ ରହିବେ ନାହିଁ ଭୂମିହୀନ ରହିବେ ନାହିଁ ବୋଲି ଖୋଦ ମୁଖ୍ୟମନ୍ତ୍ରୀ ପ୍ରଚାର କରୁଥିଲେ ମଧ ରାଜ୍ୟରେ ୫ଲକ୍ଷ ୭୬ ହଜାର ଭୂମିହୀନଙ୍କ ମଧରୁ ୭୦ ଭାଗ ଭୂମିହୀନଙ୍କୁ ଭୂମି ଚାଖଣ୍ଡେ ଦେଇ ପାରିଲେ ନାହିଁ ବୋଲି ସେମାନେ ମଧ ଆବାସ ଯୋଜନାରୁ ବଂଚିତ ହେଲେ। ଗୋଟେ ପଟେ କେନ୍ଦ୍ର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୨ ସୁଦ୍ଧା ସାରା ଦେଶଷର ସମସ୍ତ ବାସହୀନଙ୍କୁ ଛାତ ଘର ଯୋଗାଇଦେବେ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ ମଧ ତାହା ପୂରଣ ହେଲା ନାହିଁ। ଏବେ ୨୦୨୪ ମସିହା ସୁଦ୍ଧା ସମସ୍ତଙ୍କୁ ଘର ଯୋଗାଇ ଦେବା ପାଇଁ ମିଛ ପ୍ରତିଶ୍ରୁତି ଦେଉଛନ୍ତି। ରାଜ୍ୟରେ ସିଏଜିଙ୍କ ଦ୍ୱାରା ଅଳ୍ପ କିଛି ଘରକୁ ନେଇ ଯେଉଁ ତଥ୍ୟ ସାମନାକୁ ଆସିଛି ତାହା ଏ ସରକାରର ଦୁର୍ନୀତିକୁ ପଦାରେ ପକାଇଛି। ଅଧିକାଂଶ ଘରେ ବିଜୁଳି ସଂଯୋଗ ହୋଇନାହିଁ, ପାଣି ସଂଯୋଗ ହୋଇନାହିଁ ଏପରିକି ପାଇଖାନା ଘର ମଧ ହୋଇନାହିଁ। ଏସବୁ ଅନିୟମିତତା କୁ ରାଜ୍ୟ ସରକାରଙ୍କ ଦେଖିପାରିଲେ ନାହିଁ କିପରି ? ବିଜୁ ବାବୁଙ୍କ ଲୋଗ ଲଗାଇବାପାଇଁ ପ୍ରତିଘରେ ୫୮୦ ଟଙ୍କା ଲୋଗଟି ପାଇଁ ଖର୍ଚ୍ଚ କରିଛନ୍ତି ତାହା ପ୍ରକୃତ ମୂଲ୍ୟ ୧୫୦ ଟଙ୍କାରୁ ଅଧିକ ହେବ ନାହିଁ। ରାଜ୍ୟର କର ପଇସାରେ ଏଭଳି ଶ୍ରାଦ୍ଧ କ'ଣ ଏକ ଜନପ୍ରିୟ ସରକାର କରିବା ଉଚିତକି ? ପ୍ରଦେଶ କଂଗ୍ରେସ ମୁଖପାତ୍ର ରଜନୀ ମହାନ୍ତି କହିଥିଲେ ଯେ ରାଜ୍ୟରେ ୩୧୫୯ ଟି ଘର ହିତାଧିକାରୀ ଏ ରାଜ୍ୟର ଅଧିବାସୀ ନୁହଁନ୍ତି। ତାହାଲେ ଏହାର ହିତାଧିକାରୀ କିଏ ? ଏହା କିପରି ସରକାରୀ ଅଧିକାରୀ ମାନେ ଜାଣିଲେ ନାହିଁ ଏହା କଣ ସରକାରଙ୍କର ଟ୍ରାନନ୍ସଫରମେସନ ଫଳ କି ? କୋଟି କୋଟି ଟଙ୍କା ଆତ୍ମସାତ କରୁଛନ୍ତି କିଛି ଅସାଧୁ ଅଫିସର ଏବଂ ରାଜ୍ୟ ସରକାରଙ୍କ ନେତୃବୃନ୍ଦ। ରାଜ୍ୟ ସରକାର ଯଦି ନିଜକୁ ସ୍ୱଚ୍ଛ ବୋଲି ଭାବୁଛନ୍ତି ତାହାଲେ ସିଏଜି ରିପୋର୍ଟକୁ ଖଣ୍ଡନ କରନ୍ତୁ ବୋଲି ସେ ଦାବି କରିଛନ୍ତି।

# ସେ ବାସ୍ତବରେ ଥିଲେ ସବୁଜ ବିପ୍ଳବର ଜନକ

**ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ**



କିଛି ଦିନ ତଳେ ଆମେ ପ୍ରଫେସର ଏମ୍ ଏସ୍ ସ୍ୱାମୀନାଥନଙ୍କୁ ହରାଇଛୁ । କୃଷି ବିଜ୍ଞାନରେ ବିପ୍ଳବ ଆଣିଥିବା ଜଣେ ଦୂରଦର୍ଶୀଙ୍କୁ ଆମ ଦେଶ ହରାଇଛି । ଭାରତ ପାଇଁ ତାଙ୍କର ଅବଦାନ ସର୍ବଦା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ପ୍ରଫେସର ଏମ୍ ଏସ୍ ସ୍ୱାମୀନାଥନ୍ ଭାରତକୁ ଭଲ ପାଉଥିଲେ । ସେ ଚାହୁଁଥିଲେ, ଆମ ଦେଶ ସମୃଦ୍ଧ ହେଉ, ବିଶେଷ କରି ଆମ କୃଷକମାନେ ମର୍ଯ୍ୟାଦାପୂର୍ଣ୍ଣ ଜୀବନ ଯାପନ କରନ୍ତୁ । ଶିକ୍ଷାଗତ ଦୃଷ୍ଟିରୁ ସେ ଯେକୌଣସି କ୍ୟାରିୟର ବାଛି ପାରିଥାନ୍ତେ, କିନ୍ତୁ ୧୯୪୩ ମସିହାର ବଙ୍ଗ ଦୁର୍ଭିକ୍ଷ ଦେଖି ସେ ଏତେ ପ୍ରଭାବିତ ହୋଇଥିଲେ ଯେ କୃଷି କ୍ଷେତ୍ରରେ ଅଧ୍ୟୟନ ପାଇଁ ପଣ କରିଥିଲେ ।

ଖୁବ୍ କମ୍ ବୟସରେ, ସେ ଡକ୍ଟର ନର୍ମାନ ବୋର୍ଲାଗଙ୍କ ସଂସ୍ପର୍ଶରେ ଆସିଥିଲେ ଏବଂ ତାଙ୍କ କାର୍ଯ୍ୟକୁ ଅତି ବିସ୍ତୃତ ଭାବରେ ଅନୁସରଣ କରିଥିଲେ । ୧୯୫୦ ଦଶକରେ ସ୍ୱାମୀନାଥନଙ୍କୁ ଆମେରିକାରେ ଅଧ୍ୟାପକ ପଦବୀ ପାଇଁ ପ୍ରସ୍ତାବ ଦିଆଯାଇଥିଲା କିନ୍ତୁ ସେ ଭାରତରେ ଏବଂ ଭାରତ ପାଇଁ କାମ କରିବାକୁ ଚାହୁଁଥିବାରୁ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ ।

ମୁଁ ଚାହୁଁଛି ଯେ, ଆପଣମାନେ ସମସ୍ତେ ସେହି ଆହ୍ୱାନପୂର୍ଣ୍ଣ ପରିସ୍ଥିତି ବିଷୟରେ ଚିନ୍ତା କରନ୍ତୁ ଯେଉଁଥିରେ ପ୍ରଫେସର ସ୍ୱାମୀନାଥନ ଦୃଢ଼ ଭାବରେ ଠିଆ ହୋଇଥିଲେ ଏବଂ ଆମ ଦେଶକୁ ଆତ୍ମନିର୍ଭରଶୀଳତା ଓ ଆତ୍ମବିଶ୍ୱାସର ମାର୍ଗରେ ଆଗେଇ ନେଇଥିଲେ । ସ୍ୱାଧୀନତା ପରଠାରୁ ପ୍ରଥମ ଦୁଇ ଦଶନ୍ଧି ମଧ୍ୟରେ ଆମେ ଅନେକ ଆହ୍ୱାନର ସମ୍ମୁଖୀନ ହୋଇଥିଲୁ ଏବଂ ସେଥିମଧ୍ୟରୁ ଗୋଟିଏ ଥିଲା ଖାଦ୍ୟ ଅଭାବ । ୧୯୬୦ ଦଶକର ପ୍ରାରମ୍ଭରେ ଭାରତ ଦୁର୍ଭିକ୍ଷର ଅଶୁଭ ଛାୟା ସହ ସଂଘର୍ଷ କରୁଥିଲା ଏବଂ ସେତେବେଳେ ପ୍ରଫେସର ସ୍ୱାମୀନାଥନଙ୍କ ଅତୁଳନୀୟ ପ୍ରତିବଦ୍ଧତା ଓ ଦୂରଦୃଷ୍ଟି କୃଷି କ୍ଷେତ୍ରରେ ସମୃଦ୍ଧିର ଏକ ନୂଆ ଯୁଗ ଆରମ୍ଭ କରିଥିଲା । କୃଷି ଏବଂ ଗହମ ପ୍ରଜନନ ଭଳି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ସେ ଅଗ୍ରଣୀ ଗବେଷଣା କାର୍ଯ୍ୟ କରିଥିଲେ। ଫଳରେ ଦେଶରେ ଗହମ ଉତ୍ପାଦନ ଯଥେଷ୍ଟ ବୃଦ୍ଧି ପାଇଲା ଏବଂ ଭାରତ ଖାଦ୍ୟ ଅଭାବୀ ଦେଶରୁ ଏକ ଆତ୍ମନିର୍ଭରଶୀଳ ରାଷ୍ଟ୍ରରେ ପରିଣତ ହୋଇଥିଲା । ଏହି ବିରାଟ ଉପଲବ୍ଧି ପାଇଁ ତାଙ୍କୁ ସମ୍ମାନର ସହ 'ଭାରତୀୟ ସବୁଜ ବିପ୍ଳବର ଜନକ' ବୋଲି କୁହାଯାଏ।

ସବୁଜ ବିପ୍ଳବ ଭାରତର 'କ୍ୟାନ୍ ଡୁ ସ୍ପିରିଟ୍' (କରିପାରିବାର ଇଚ୍ଛାଶକ୍ତି)ର ଏକ ଝଲକ ପ୍ରଦାନ କରିଥିଲା - ଯଦି ଆମ ଆଗରେ ୧୦୦ କୋଟି ଆହ୍ୱାନ ରହିଛି ତା'ହେଲେ ସେହି ଆହ୍ୱାନଗୁଡ଼ିକୁ ଅତିକ୍ରମ କରିବା ପାଇଁ ନବସୃଜନର ଜ୍ୟୋତି ସହିତ ଆମ ପାଖରେ ୧୦୦ କୋଟି ମସ୍ତିଷ୍କ ମଧ୍ୟ ଅଛି। ସବୁଜ ବିପ୍ଳବ ଆରମ୍ଭ ହେବାର ପାଞ୍ଚ ଦଶନ୍ଧି ପରେ ଭାରତୀୟ କୃଷି ଅଧିକ ଆଧୁନିକ ଓ ପ୍ରଗତିଶୀଳ ହୋଇପାରିଛି । କିନ୍ତୁ ପ୍ରଫେସର ସ୍ୱାମୀନାଥନ ଯେଉଁ ମୂଳଦୁଆ ପ୍ରତିଷ୍ଠା କରିଯାଇଛନ୍ତି, ତାହା କେବେ ବି ଭୁଲିହେବ ନାହିଁ।

ବର୍ଷ ବର୍ଷ ଧରି ସେ ଆଳୁ ଫସଲକୁ ପ୍ରଭାବିତ କରୁଥିବା ପରଜୀବୀଙ୍କ ମୁକାବିଲା ଦିଗରେ ଅଗ୍ରଣୀ ଗବେଷଣା କରିଥିଲେ । ତାଙ୍କର ଗବେଷଣା ମଧ୍ୟ ଆଳୁ ଫସଲକୁ ଥଣ୍ଡା ପାଗ ସହ୍ୟ କରିବାରେ ସକ୍ଷମ କରିଥିଲା । ଆଜି ସାରା ବିଶ୍ୱ ମିଲେଟ୍ ବା ଶ୍ରୀଅନ୍ନକୁ 'ସୁପର ଫୁଡ୍' ବୋଲି କହୁଛି, କିନ୍ତୁ ପ୍ରଫେସର ସ୍ୱାମୀନାଥନ୍ ୧୯୯୦ ମସିହାରୁ ମିଲେଟ୍? ଚାଷ ଓ ଏହାର ଉପଯୋଗ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ।

ପ୍ରଫେସର ସ୍ୱାମୀନାଥନଙ୍କ ସହ ମୁଁ ବ୍ୟକ୍ତିଗତ ଭାବେ ଅନେକ ଥର ମିଶିଛି । ୨୦୦୧ରେ ମୁଁ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଆମ ସମ୍ପର୍କ ଆରମ୍ଭ ହୋଇଥିଲା। ସେହି ସମୟରେ ଗୁଜରାଟ ନିଜର କୃଷି ଦକ୍ଷତା ପାଇଁ ସେତେ ପରିଚିତ ନଥିଲା । କ୍ରମାଗତ ମରୁଡ଼ି, ବାତ୍ୟା ଓ ଭୂମିକମ୍ପ ଯୋଗୁଁ ରାଜ୍ୟର ବିକାଶ ଧାରା ପ୍ରଭାବିତ ହୋଇଥିଲା। ଆମେ ଆରମ୍ଭ କରିଥିବା ଅନେକ ଯୋଜନା ମଧ୍ୟରୁ ଗୋଟିଏ ଥିଲା ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ଯାହା ମାଟିକୁ ଭଲ ଭାବରେ ବୁଝିବାରେ ଏବଂ ଯଦି ସମସ୍ୟା ସୃଷ୍ଟି ହୁଏ ତେବେ ତାହାର ସମାଧାନ କରିବାରେ ଆମକୁ ସକ୍ଷମ କରିଥିଲା। ଏହି ଯୋଜନା ପରିପ୍ରେକ୍ଷୀରେ ମୁଁ ପ୍ରଫେସର ସ୍ୱାମୀନାଥନଙ୍କୁ ଭେଟିଥିଲି। ସେ ଏହି ଯୋଜନାକୁ ପ୍ରଶଂସା କରିବା ସହ ଏଥିପାଇଁ ନିଜର ମୂଲ୍ୟବାନ ମତାମତ ମଧ୍ୟ ପ୍ରଦାନ କରିଥିଲେ । ଏହି ଯୋଜନାକୁ ନେଇ ସନ୍ଦେହ ଥିବା ଲୋକଙ୍କୁ ବୁଝାଇବାରେ ତାଙ୍କର ସମର୍ଥନ ଯଥେଷ୍ଟ ଥିଲା ଯାହାକି ପରବର୍ତ୍ତୀ ସମୟରେ ଗୁଜରାଟରେ କୃଷିର ସଫଳତା ପାଇଁ କ୍ଷେତ୍ର ପ୍ରସ୍ତୁତ କଲା ।

ମୋର ମୁଖ୍ୟମନ୍ତ୍ରୀ କାର୍ଯ୍ୟକାଳ ସମୟରେ ଏବଂ ଯେତେବେଳେ ମୁଁ ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ନେଇଥିଲି ସେତେବେଳେ ମଧ୍ୟ ଆମର କଥାବାର୍ତ୍ତା ଜାରି ରହିଥିଲା । ମୁଁ ୨୦୧୬ରେ ଅନ୍ତର୍ଜାତୀୟ କୃଷି-ଜୈବ ବିବିଧତା କଂଗ୍ରେସରେ ତାଙ୍କୁ ଭେଟିଥିଲି ଏବଂ ପରବର୍ଷ ୨୦୧୭ରେ ମୁଁ ତାଙ୍କ ଦ୍ୱାରା ଲିଖିତ ଏକ ଦୁଇ ଭାଗ ବିଶିଷ୍ଟ ପୁସ୍ତକ ଶୃଙ୍ଖଳାକୁ ଉନ୍ମୋଚନ କରିଥିଲି ।

'କୁରାଲ'ରେ କୃଷକମାନଙ୍କୁ ଏକ କେନ୍ଦ୍ରବିନ୍ଦୁ ଭାବରେ ବର୍ଣ୍ଣନା କରାଯାଇଛି ଯାହା ବିଶ୍ୱକୁ ଏକାଠି ରଖିଥାଏ । ଏହାର କାରଣ ହେଉଛି କୃଷକମାନେ ହିଁ ସମସ୍ତଙ୍କୁ ବଞ୍ଚାଇ ରଖିଥାନ୍ତି । ପ୍ରଫେସର ସ୍ୱାମୀନାଥନ ଏହି ନୀତିକୁ ଭଲ ଭାବରେ ବୁଝିଥିଲେ । ଅନେକ ଲୋକ ତାଙ୍କୁ 'କୃଷି ବୈଜ୍ଞାନିକ' ବୋଲି କୁହନ୍ତି । କିନ୍ତୁ ମୁଁ ସବୁବେଳେ ବିଶ୍ୱାସ କରିଆସିଛି ଯେ ତାଙ୍କ ବ୍ୟକ୍ତିତ୍ୱର ପରିସର ଏହାଠାରୁ ଆହୁରି ଅଧିକ ଥିଲା । ପ୍ରକୃତରେ ସେ 'କିଷାନ ବୈଜ୍ଞାନିକ' - ଚାଷୀଙ୍କ ବୈଜ୍ଞାନିକ ଥିଲେ । ତାଙ୍କ ହୃଦୟ ଜଣେ ଚାଷୀଙ୍କ ଭଳି ଥିଲା। ତାଙ୍କ କୃତିର ସଫଳତା କେବଳ ଶିକ୍ଷାଗତ ଉତ୍କର୍ଷ ମଧ୍ୟରେ ସୀମିତ ନାହିଁ; ଏହା ପରୀକ୍ଷାଗାର ବାହାରେ, ଫାର୍ମ ଏବଂ ଚାଷ ଜମିରେ ପ୍ରଭାବ ବିସ୍ତାର କରିଛି । ତାଙ୍କର କାର୍ଯ୍ୟ ବୈଜ୍ଞାନିକ ଜ୍ଞାନ ଏବଂ ଏହାର ବ୍ୟବହାରିକ ପ୍ରୟୋଗ ମଧ୍ୟରେ ଥିବା ବ୍ୟବଧାନକୁ ହ୍ରାସ କରିପାରିଛି । ସେ ଦୀର୍ଘସ୍ଥାୟୀ କୃଷି ପାଇଁ ନିରନ୍ତର ସମର୍ଥନ କରୁଥିଲେ ଏବଂ ମାନବ ସମାଜର ଉନ୍ନତି ଓ ପରିବେଶର ସ୍ଥାୟିତ୍ୱ ମଧ୍ୟରେ ସୂକ୍ଷ୍ମ ସନ୍ତୁଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ତାଙ୍କର ଆଉ ଗୋଟିଏ ଗୁଣ ବିଷୟରେ ମୁଁ ଏଠାରେ ଉଲ୍ଲେଖ କରିବାକୁ ଚାହୁଁଛି, କ୍ଷୁଦ୍ର ଚାଷୀମାନଙ୍କ ଜୀବନରେ ଉନ୍ନତି ଆଣିବା ଏବଂ ସେମାନେ ମଧ୍ୟ ଯେପରି ନୂଆ ଉଦ୍ଭାବନର ଫଳ ଉପଭୋଗ କରିପାରିବେ ତା'ଉପରେ ପ୍ରଫେସର ସ୍ୱାମୀନାଥନ ବିଶେଷ ଗୁରୁତ୍ୱ ଦେଉଥିଲେ । ମହିଳା ଚାଷୀଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ ସେ ବିଶେଷ ଭାବରେ ଆଗ୍ରହୀ ଥିଲେ।

ପ୍ରଫେସର ଏମ୍ ଏସ୍ ସ୍ୱାମୀନାଥନଙ୍କ ବ୍ୟକ୍ତିତ୍ୱର ଆଉ ଏକ ଦିଗ ଅଛି ଯାହା ଉଲ୍ଲେଖନୀୟ - ସେ ନୂତନ ଉଦ୍ଭାବନ ଏବଂ ପ୍ରଶିକ୍ଷଣ କ୍ଷେତ୍ରରେ ଜଣେ ଆଦର୍ଶ ଭାବରେ ଠିଆ ହୋଇଛନ୍ତି । ୧୯୮୭ ମସିହାରେ ସେ ବିଶ୍ୱ ଖାଦ୍ୟ ପୁରସ୍କାର ପାଇଥିଲେ ଏବଂ ସେ ଥିଲେ ଏହି ସମ୍ମାନଜନକ ପୁରସ୍କାରର ପ୍ରଥମ ବିଜେତା। ପ୍ରଫେସର ସ୍ୱାମୀନାଥନ ଏହି ପୁରସ୍କାର ରାଶିକୁ ଏକ ଅଣଲାଭକାରୀ ଗବେଷଣା ଫାଉଣ୍ଡେସନ ପ୍ରତିଷ୍ଠା କରିବାରେ ବ୍ୟବହାର କରିଥିଲେ । ଆଜି ପର୍ଯ୍ୟନ୍ତ ଏହା ବିଭିନ୍ନ କ୍ଷେତ୍ରରେ ବ୍ୟାପକ କାର୍ଯ୍ୟ କରୁଛି । ସେ ଅଗଣିତ ବ୍ୟକ୍ତିତ୍ୱଙ୍କୁ ଅନୁପ୍ରାଣିତ କରିଛନ୍ତି ଏବଂ ସେମାନଙ୍କ ଭିତରେ ଅଧ୍ୟୟନ ଏବଂ ଉଦ୍ଭାବନ ପ୍ରତି ଆଗ୍ରହ ସୃଷ୍ଟି କରିଛନ୍ତି । ଦ୍ରୁତ ଗତିରେ ପରିବର୍ତ୍ତିତ ଦୁନିଆରେ ତାଙ୍କ ଜୀବନ ଆମକୁ ଜ୍ଞାନ, ମାର୍ଗଦର୍ଶନ ଏବଂ ଉଦ୍ଭାବନରେ ରହିଥିବା ଦୃଢ଼ ସାମର୍ଥ୍ୟ ବିଷୟରେ ସ୍ମରଣ କରାଇ ଦେଇଥାଏ। ସେ ଜଣେ ଅନୁଷ୍ଠାନ ନିର୍ମାତା ମଧ୍ୟ ଥିଲେ। ସେ ଏମିତି ଅନେକ ଅନୁଷ୍ଠାନ ନିର୍ମାଣ କରିଛନ୍ତି ଯେଉଁଠି ବ୍ୟାପକ ଗବେଷଣା କରାଯାଉଛି। ମାନିଲାସ୍ଥିତ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଭାବରେ ସେ ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କର ପ୍ରୟାସ ଯୋଗୁ ୨୦୧୮ରେ ବାରଣାସୀରେ ଦକ୍ଷିଣ ଏସିଆ ଆଞ୍ଚଳିକ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ ଖୋଲାଯାଇଥିଲା ।

ଡକ୍ଟର ସ୍ୱାମୀନାଥନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ମୁଁ ପୁଣି ଥରେ 'କୁରାଲ'ର ଉଦାହରଣ ଦେବି । ସେଥିରେ ଲେଖାଯାଇଛି, ''କୌଣସି ଯୋଜନା ପ୍ରସ୍ତୁତ କରୁଥିବା ବ୍ୟକ୍ତିର ମନୋବଳ ଦୃଢ଼ ଥିଲେ, ସେ ଯାହା ପାଇବାକୁ ଚାହୁଁଛନ୍ତି ଏବଂ ଯେପରି ଉପାୟରେ ପାଇବାକୁ ଚାହୁଁଛନ୍ତି ତାହା ସେ ନିଶ୍ଚିତ ଭାବେ ପାଇବେ।'' ଡକ୍ଟର ସ୍ୱାମୀନାଥନ ଏପରି ଜଣେ ବିଶିଷ୍ଟ ବ୍ୟକ୍ତି ଥିଲେ ଯିଏକି ନିଜ ଜୀବନର ଆଦ୍ୟଭାଗରେ କୃଷିକୁ ସୁଦୃଢ଼ କରିବାକୁ ଏବଂ କୃଷକଙ୍କ ସେବା କରିବାକୁ ନିଷ୍ପତ୍ତି ନେଇଥିଲେ। ସେ ଏହାକୁ ଅତ୍ୟନ୍ତ ଅଭିନବ ଢଙ୍ଗରେ ଏବଂ ଉତ୍ସାହର ସହ କରିଥିଲେ । ଡ. ସ୍ୱାମୀନାଥନଙ୍କ ଅବଦାନ ଆମକୁ କୃଷି ଉଦ୍ଭାବନ ଏବଂ ଦୀର୍ଘସ୍ଥାୟିତ୍ୱ ପଥରେ ଆଗକୁ ବଢ଼ିବା ସମୟରେ ଅନୁପ୍ରାଣିତ କରିବା ସହ ମାର୍ଗଦର୍ଶନ ଦେବା ଜାରି ରଖିଛି । ଚାଷୀଙ୍କ ହିତ ପାଇଁ କାମ କରିବା, ବୈଜ୍ଞାନିକ ଉଦ୍ଭାବନର ପରିଣାମକୁ ଆମର ବିସ୍ତାରିତ କୃଷି କ୍ଷେତ୍ର ପର୍ଯ୍ୟନ୍ତ ପହଞ୍ଚାଇବା ଏବଂ ଭବିଷ୍ୟତ ପିଢ଼ି ପାଇଁ ଅଭିବୃଦ୍ଧି, ଦୀର୍ଘସ୍ଥାୟିତ୍ୱ ଓ ସମୃଦ୍ଧିକୁ ପ୍ରୋତ୍ସାହନ ଦେବା ଲାଗି ତାଙ୍କର ପ୍ରିୟ ସିଦ୍ଧାନ୍ତ ପ୍ରତି ଆମେ ଆମର ପ୍ରତିବଦ୍ଧତାକୁ ଦୋହରାଇବା ଉଚିତ୍।

## ସବୁ ଗଛର ମୂଳ ବଙ୍କା



ବିଶ୍ୱରେ ଏମିତି ଅନେକ ବିଚିତ୍ର ଘଟଣା ଦେଖିବାକୁ ମିଳେ ଯାହା ସାଧାରଣରେ ବଡ଼ କୌତୁହଳ ସୃଷ୍ଟି କରିଥାଏ। ସେହିପରି ପ୍ରକୃତିର ଏମିତି ଅନେକ ବୈଚିତ୍ର୍ୟ ମଧ୍ୟ ବୈଜ୍ଞାନିକମାନଙ୍କୁ ଚିନ୍ତାରେ ପକାଇଛି। ଆଉ ଏହା ରହସ୍ୟ ମଧ୍ୟ ପାଲଟିଛି। ଏପରି ଏକ ଘଟଣା ପୋଲାଣ୍ଡରେ ଦେଖିବାକୁ ମିଳେ। ଏଠାରେ ଏକ ଜଙ୍ଗଲରେ ଲାଗିଥିବା ୪୦୦ ଗଛର ମୂଳ ୯୦ ଡିଗ୍ରୀ ବଙ୍କା ହୋଇ ରହିଛି। ଏହି ଜଙ୍ଗଲଟି ନୋବେ ସଜାରନୋବେ ଗ୍ରାମ ନିକଟରେ ଅଛି।  କୁହାଯାଏ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏହି ଜଙ୍ଗଲରେ ଗଛ ଲଗାଯାଉଥିଲା। ତେବେ ମୂଳରୁ ତିନି ଫୁଟ ପ୍ରତି ଗଛର ମୂଳ ୯୦ ଡିଗ୍ରୀ ବଙ୍କା ହେବା ପରେ ପୁଣିଥରେ ସିଧା ହୋଇ ବଢ଼ିଛି। ଗଛ ବଙ୍କା ହେବାକୁ ନେଇ ଅନେକ କାହାଣୀ ମଧ୍ୟ ରହିଛି। କିଏ କହନ୍ତି, ଅନ୍ୟ ଗ୍ରହର ପ୍ରାଣୀ ଆସି ଏପରି କରିଛି ତ, ଆଉ କିଏ କହନ୍ତି ଏଠାରେ ଗରୁତ୍ୱାକର୍ଷଣ (ଗ୍ରାଭିଟେସନାଲ ଫୋର୍ସ) ବିଶ୍ୱର ଅନ୍ୟ ସ୍ଥାନ ଠାରୁ ଅଧିକ ଅଟେ। ଅନେକଙ୍କ ଯୁକ୍ତି ମଧ୍ୟ ହେଉଛି ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପୂର୍ବରୁ ଏହି ଗଛ ଲଗାଯାଇଥିଲା।



## ଡାଲଚିନି ନିୟନ୍ତ୍ରଣ କରେ ମେଦବୃଦ୍ଧି

ଡାଇବେଟିସ ଓ ମେଦବହୁଳ ଲୋକଙ୍କ ପାଇଁ ଏକ ଖୁସି ଖବର। ଡାଲଚିନିର ବ୍ୟବହାର କରି ଡାଇବେଟିସ୍ ଓ ମୋଟାପଣକୁ ନିୟନ୍ତ୍ରଣ କରାଯାଇପାରିବ। ଭାରତୀୟମାନଙ୍କ ଉପରେ ହୋଇଥିବା ଏକ ରିସର୍ଚ୍ଚରୁ ଜଣାପଡ଼ିଛି ଦୈନିକ ୩ ଗ୍ରାମ ଡାଲଚିନି ପାଉଡ଼ର ଖାଇଲେ ମେଦବୃଦ୍ଧି ନିୟନ୍ତ୍ରଣ କରାଯାଇପାରିବ। ଏହାଦ୍ୱାରା ଅଂଟା ପାଖରେ ଜମିଥିବା ଚର୍ବି କମ ହେବା ସହ କୋଲେଷ୍ଟ୍ରୋଲ ଓ ହାଇ ବ୍ଲଡ଼ପ୍ରେସରକୁ ମଧ୍ୟ ନିୟନ୍ତ୍ରଣରେ ରଖାଯାଇପାରିବ। ରିସର୍ଚ୍ଚ ବେଳେ ଡାଇବେଟିସ୍ ପାଇଁ ଡାଲଚିନି ଏକ ଅମୋଘ ଔଷଧ ବୋଲି ଜଣାପଡ଼ିଛି। ଏମସ ଓ ଦିଲ୍ଲୀ ୟୁନିଭର୍ସିଟି ଫୋର୍ଟିସ ସିଡ଼ିଓସି ହସପିଟାଲ ପକ୍ଷରୁ ମିଳିତ ଭାବେ ହୋଇଥିବା ଏହି ରିସର୍ଚ୍ଚରେ ୧୩୦ଜଣ ରୋଗୀଙ୍କୁ ୧୬ ସପ୍ତାହ ଧରି ଡାଲଚିନି ପାଉଡ଼ର ଦିଆଯାଇଥିଲା।  ପ୍ରତ୍ୟେକ ରୋଗୀଙ୍କୁ ଦୈନକ ୩ଗ୍ରାମ ଡାଲଚିନି ପାଉଡ଼ର ଦିଆଯାଇଥିଲା, ଯେଉଁଥିରେ ସେମାନଙ୍କ ଓଜନ ୩.୮ ପ୍ରତିଶତ କମିଯାଇଥିବା ଦେଖାଯାଇଥିଲା। ସେହିଭଳି ଶରୀରର ଚର୍ବି ୪.୩ ପ୍ରତିଶତ ଓ ଅଣ୍ଟା ଚଉଡ଼ା ୫.୩ ପ୍ରତିଶତ କମିଯାଇଥିଲା। ବ୍ଲଡ଼୍‌ପ୍ରେସର ୯.୭ ପ୍ରତିଶତ କମିଥିଲା ଓ ରକ୍ତରେ ଫାଷ୍ଟିଂ ଗ୍ଲୁଗୋଜ୍‌ର ସ୍ତର ୭.୧ ପ୍ରତିଶତ କମିଯାଇଥିଲା। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଦୈନିକ ୩ ଗ୍ରାମ ଡାଲଚିନି ପାଉଡ଼ର ଖାଇଥିଲେ ମଧ୍ୟ ରୋଗୀଙ୍କର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ହୋଇ ନଥିଲା। ଏହି ରିସର୍ଚ୍ଚ ସମ୍ପର୍କରେ ଅନ୍ତର୍ଜାତୀୟ ପତ୍ରିକା 'ଲିପିଡ଼୍ ଇନ୍ ହେଲଥ୍ ଡିଜିଜ୍‌ରେ ପ୍ରକାଶ ପାଇଛି।



## ଚାରି କୋଟିରେ ବିକ୍ରିହେଲା କାର୍ ପାର୍କିଂ ସ୍ପେସ୍

କୋଟି କୋଟି ଟଙ୍କାର ଘର ଓ ବଙ୍ଗଳା କିଣାଯାଉଥିବା ବିଷୟ ଆମେ ସମସ୍ତେ ଶୁଣିଛେ। ହେଲେ ୧୮୮ ବର୍ଗ ଫୁଟ୍‌ର ପାର୍କିଂ ସ୍ପେସ୍ ପାଇଁ ଚାରି କୋଟି ଟଙ୍କା ପୈଠ କରିବା ବୋଧହୁଏ ପ୍ରଥମ ଘଟଣା। ହଂକଂରେ ନିକଟରେ ପ୍ରପର୍ଟି ବିକ୍ରିରେ ଏଭଳି ଏକ ରେକର୍ଡ଼ ସୃଷ୍ଟି ହୋଇଛି।

ପାର୍କିଂ ସ୍ପେସ ବିକ୍ରିର ଏହି ଘଟଣା ଏବେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଫୁଟ୍ ହିସାବରେ ୧୭ଲକ୍ଷ ଟଙ୍କାରେ ଏହି କାର୍ ପାର୍କିଂ ସ୍ପେସ ଗତ ସପ୍ତାହରେ ରେଜିଷ୍ଟ୍ରି ହୋଇଛି। ବର୍ତମାନ ହଂକଂର ସରକାର ଏଠାରେ ସମ୍ପତିର ମୂଲ୍ୟବୃଦ୍ଧିକୁ ରୋକିବାକୁ ଚେଷ୍ଟା କରୁଥିଲା ବେଳେ ଏଥିରେ ସଫଳତା ମିଳିପାରୁ ନାହିଁ। ଦିନକୁ ଦିନ ସମ୍ପତିର ମୂଲ୍ୟ ବଢ଼ିବାରେ ଲାଗିଛି। ବ୍ୟବସାୟୀକ ଉଦ୍ଦେଶ୍ୟରେ ଲୋକେ ଛୋଟଛୋଟ ସ୍ଥାନକୁ ମଧ୍ୟ ଉଚ୍ଚଦାମରେ କିଣିବାକୁ ପଛାଉନଥିଲା ବେଳେ ଏକ ଛୋଟ ପାର୍କିଂ ସ୍ପେସ୍ ପାଇଁ ଟଙ୍କା ଖର୍ଚ୍ଚ କରିବା ସମସ୍ତଙ୍କୁ ଚକିତ କରିଛି।

## ବିଶ୍ୱରେ ସବୁଠାରୁ ବଡ଼ କବ୍ରିସ୍ଥାନ



ବିଶ୍ୱରେ ଏପରି ଏକ କବ୍ରିସ୍ଥାନ ଅଛି ଯେଉଁଠି ୫୦ଲକ୍ଷରୁ ଅଧିକ ଶବକୁ କବର ଦିଆଯାଇଛି। ଏହାକୁ କୁହାଯାଉଛି ବିଶ୍ୱର ସବୁଠାରୁ ବଡ଼ କବ୍ରିସ୍ଥାନ। ଇରାକର ନଫଜ୍ ସହର ସ୍ଥିତ ଏହି କବ୍ରିସ୍ଥାନର ନାମ ହେଉଛି ବାଦି-ଅଲ୍-ସଲାମ। ପିସ୍ ଭ୍ୟାଲି ନାମରେ ପ୍ରତିଷ୍ଠା ଲାଭ କରିଥିବା ଏହି କବ୍ରିସ୍ଥାନକୁ ଦେଖିବା ପାଇଁ ପ୍ରତିବର୍ଷ ଲକ୍ଷାଧିକ ପର୍ଯ୍ୟଟକ ଆସିଥାନ୍ତି।

ବର୍ତମାନ ସୁଦ୍ଧା ଏହି କବ୍ରିସ୍ଥାନରେ ୫୦ଲକ୍ଷରୁ ଅଧିକ ଶବକୁ କବର ଦିଆଯାଇଛି। ଏଠାକୁ ଦୈନିକ ୨୦୦ଶବ ଆସୁଛି। ଇରାକରେ ଆତଙ୍କବାଦୀ କାର୍ଯ୍ୟକଳାପ ଜାରି ରହୁଥିବାରୁ ଶବ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି।







# ଜେଜେମା'ଙ୍କ ପ୍ରବଚନ



ଶୁଭଦର୍ଶିନୀ ଦାଶ

ଶାନ୍ତି ଦେବୀ ସକାଳୁ ସକାଳୁ ଆଜି ପୁରା ଚଳଚଞ୍ଚଳ । ବାକ୍ସ ଉପରେ ପଡ଼ିଥିବା କପଡାଟିକୁ ଉଠାଇ ନେଇ ଧୂଳି ଝାଡ଼ି ବାକ୍ସକୁ ଖୋଲି ତା ଭିତରେ କିଛି ଖୋଜା ଖୋଜି କରିବାରେ ବ୍ୟସ୍ତ। ଆଜି ରବିବାର ନାତିଆ ଗୋଲୁର ବି ସ୍କୁଲ ଛୁଟି। କ'ଣ କରୁଛ କି ମା' (ଜେଜେମା') ପଚାରିଦେଇ ପହଁଞ୍ଚିଗଲା ତାଙ୍କ ପାଖରେ । ତାପରେ ଆରମ୍ଭ ହୋଇଗଲା ଜେଜେମା ଆଉ ନାତିର କଥାବାର୍ତ୍ତା.............।

ଗୋଲୁ ପ୍ରଶ୍ନର ଉତ୍ତର ଦେଇ ଜେଜେମା କହିଲେ ନାଇଁରେ, ଥଣ୍ଡା ପଡ଼ିଲାଣି ତେଣୁ ଶୀତ ବସ୍ତ୍ର ସବୁ ଖୋଲୁଛି । ଆଜି ଟିକେ ଖରଟା ଜୋରରେ ହେଉଛି ତାକୁ ଖରାରେ ପକାଇ ଆଣି ବ୍ୟବହାର କରିବା । ତୋରି ଟୋପି ଦୁଇଟି କାହିଁ ଦେଖା ଯାଉନାହିଁ ତେଣୁ ଖୋଜୁଛି । ହଁ, ନ ମିଳୁ ମୋର ତାହା ଦରକାର ନାହିଁ, ମୋତେ ସେ ଟୋପି ପିନ୍ଧିବାକୁ ଭଲ ଲାଗେନାହିଁ । ଶୀତ ଦିନଟାକୁବି ଜମା ଭଲ ଲାଗେନାହିଁ । ହେଲେ କାହିଁକି କିରେ.....? ମର୍ଡନ ଯୁଗର ନାତିଆ ସଙ୍ଗେ ସଙ୍ଗେ ଉତ୍ତରରେ କହିଦେଲା,ଦେଖ ଜେଜେମା ଏ ଟୋପି ପିନ୍ଧିଲେ ମୋ ହେୟାର ଷ୍ଟାଇଲ ବିଗିଡି ଯାଉଛି । ମୁଁ ହେଡ଼ ଫୋନ ବି ଲଗାଇ ପାରୁନି ଆଉ ଏତେ ଖରାପ ସେ ଟୋପି, ପିନ୍ଧିଦେଲେ ମୋ କାନରୁ ଧୂଆଁ ବାହାରିଲା ପରି ଲାଗୁଛି । ସତରେ ଏ ଶୀତଦିନଟା ନାଇଁ ନାଇଁ ଖାଲି ଶୀତ କାହିଁକି ବର୍ଷା, ଖରା କିଛିବି ଭଲ ନୁହେଁ । ଜେଜେମା ହସି ହସି ପଚାରିଲେ ଆରେ ଅନ୍ୟ ଦୁଇ ଋତୁରେ ତୋର ପୁଣି କ'ଣ ଅସୁବିଧା ହେଲା କିରେ ? ଦେଖ ଜେଜେମା ବର୍ଷା ହେଲେ ଯେଉଁ ଆଡେ ଯାଅ କାଦୁଅ ପାଣି, ଘରେ ବନ୍ଦ ହୋଇ ରୁହ ନାଖେଳ ନାକୁଦ । ଅଧିକ ଗରମ ହେଲେ ସ୍କୁଲଛୁଟି ହୁଏ । ହେଲେ କ'ଣ ହେବ ଯେ ଦିନରେ ଗରମ ହେଉଛି, ଲୁ ମରିବ ଇତ୍ୟାଦି ଇତ୍ୟାଦି କାରଣ ଦେଖାଇ ସନ୍ଧ୍ୟା ପର୍ଯ୍ୟନ୍ତ ଏକ ପ୍ରକାରର ଲକ ଡାଉନ, ଆଉ ସନ୍ଧ୍ୟା ପରେ ଟ୍ୟୁସନ, ପାଠ, ଗରମ ରୁ ମୁକ୍ତି ପାଇଁ ଏସି, ଫ୍ୟାନ ତଳେ ବସ ଖେଳକୁଦ ବୁଲାବୁଲି ପାଇଁ ସମୟ ନିଅଣ୍ଟ ଆଉ ଅଳ୍ପ ଖେଳିଦେଲେ ଶରୀର ପୁରା ହାଲିଆ ।

ସବୁ ଶୁଣି ଜେଜେମା' କଥାଛଳ ରେ ଗୋଲୁକୁ ବୁଝାଇବାକୁ ଯାଇ ପଚାରିଲେ ଆରେ ଗୋଲୁ ଛାଡ଼ ସେକଥା ଏଇ ଶୀତ ଦିନରେ ତମ ସ୍କୁଲରେତ ଖେଳ ହେବାକଥା । ଗୋଲୁ ର ବି ମନେପଡ଼ିଗଲା ହଁ ଜେଜେମା' ଡିସେମ୍ବରମାସରେ ହେବ । ଶୀତଦିନରେ ସେଇ ଗୋଟିଏ ଭଲ କାମ ହୁଏ ଖେଳକୁଦ ଯାହା କଲେବି ଥକା ଲାଗେନି ।

ହଁ ରେ ଗୋଲୁ ପାଣିପାଗ, ଋତୁ ପରିବର୍ତ୍ତନ, ଦିନରାତି ସେସବୁତ ଆମ ହାତର କଥା ନୁହେଁ । ହଁ ଜେଜେମା ଜାଣିଛି ତାହାତ ପୃଥ୍ୱୀ ସୂର୍ଯ୍ୟଙ୍କ ଚାରିପଟେ ଘୁରୁଥିବା ହେତୁ ହୋଇଥାଏ । ହଁ, ବାପା ପ୍ରାଣି ଓ ଉଦ୍ଭିଦ ସମସ୍ତେ ବଞ୍ଚିବା ପାଇଁ ଭିନ୍ନଭିନ୍ନ ଜଳବାୟୁ ଆବଶ୍ୟକ କରିଥାନ୍ତି ତା ଛଡା ଗରମ, ଥଣ୍ଡା, ବର୍ଷା ଯାହାବି ଗୋଟିଏ ଅନେକ ଦିନ ଧରି ଲାଗି ରହିବ ତାଦ୍ୱାରା ପରିବେଶ ସନ୍ତୁଳନ ହରାଇ ବସିବ ଯଦି କେବଳ ଗ୍ରୀଷ୍ମ ଋତୁ ହେବ ତେବେ ବୃକ୍ଷ ଲାତା ସବୁ ଜଳିପୋଡି ଧ୍ୱଂସ ହୋଇଯିବ, ଜଳ ଅଭାବ, ଖାଦ୍ୟ ଅଭାବ ବିନା ଆମେମାନେବି ବଞ୍ଚିପାରିବାନାହିଁ । ଅଧିକ ବର୍ଷା ହେଲେ ବନ୍ୟା ହେବ ଓ ସବୁ ନଷ୍ଟ ହୋଇଯିବ । କେବଳ ଥଣ୍ଡା ହେଲେବି ବଞ୍ଚିବା କଷ୍ଟକର ହୋଇଯିବ । ସବୁଠୁ ବଡ଼ କଥା ଆମ ମଣିଷ ମାନଙ୍କର ସବୁଥିରେ ଅସୁବିଧା । ଆମେ ଗରମ ହେଲେ ଥଣ୍ଡା ଖୋଜନ୍ତି, ଥଣ୍ଡା ଟିକେ ଅଧିକ ପାଇଗଲେ ଗରମ ଦରକାର କରନ୍ତି । ସବୁ ଆମ ହିସାବରେ ହେଉଥିବା ଆବଶ୍ୟକ ନହେଲେ ଆମର ଅଶାନ୍ତି । ପାଣିପାଗ ଜଳବାୟୁ ପରିବର୍ତନ ଏସବୁ ଆମ ହାତରେ ତ କିଛିନାହିଁ । ହଁ, ଆମ ହାତରେ ଅଛି ତାକୁ ଗ୍ରହଣ କରିନେବା । ଯାହାଦ୍ୱାରା କେବଳ ଆମର ହିଁ ଲାଭ । ଲାଭ କ'ଣ ଜେଜେମା ? ଶୁଣ ଯେତେବେଳେ ଆମେ କୌଣସି ପରିସ୍ଥିତିକୁ ଗ୍ରହଣ କରିନେବା ତାହା ଆଉ ଆମକୁ କଷ୍ଟ ଲାଗେନାହିଁ । ସେଥିପାଇଁ ଆବଶ୍ୟକ କାମ କରିଲେବି କଷ୍ଟ ଅନୁଭବ ହୁଏନାହିଁ । ଯେମିତ, ପିକନିକ କଥା ଶୁଣି ତୁ କାଲିଠାରୁ ତୋର ଯେତିକି କାମ ତୁ ସେ କାମ କରିବା ଆରମ୍ଭ କରିଦଦେଲୁଣି (ଖେଳିବା ପାଇଁ ଯୋଗାଡ଼, ଜଳଖିଆ ପାଇଁ ଲିଷ୍ଟ ଇତ୍ୟାଦି )ଏବେ କରନି କହିଲେ ବି ପାଠ ସାରିବା ପାରେ ଅଧିକ ସମୟ ଚାହିଁ ସେ ସବୁ କାମ କରୁଛୁ,କାହିଁକିନା ତୁ ତାକୁ ଖୁସିରେ ଗ୍ରହଣ କରିଛୁ ଆଉ ତୋର ପିକନିକ ଯିବାପାଇଁ ମଧ ଇଚ୍ଛା ଅଛି । ଏମିତ ଅନେକ କିଛି କାମ ଆମକୁ ଭଲ ନ ଲାଗିଲେ ବି ତାହାଦ୍ୱାରା ଯଦି ଆମକୁ କିଛି ଭଲଫଳ ମିଳିବ ବା ଆମେ ଚାହିଁଲେ ବି କିଛି ପରିବର୍ତ୍ତନ କରିପାରିବା ନାହିଁ ତେବେ ତାକୁ ଗ୍ରହଣ କରିନେବା ବା ମନକୁ ବୁଝାଇ ନେବାଟା ଆମର ପ୍ରଥମ କର୍ତ୍ତବ୍ୟ, ତେବେ ଯାଇ ତାକୁନେଇ ଆମକୁ କିଛି ଅସୁବିଧା କଷ୍ଟ ଲାଗିବନାହିଁ ।



ମେଡ଼ିସିନ ପିତାଲାଗିଲେବି ତତେ ତୋ ମାମା ଜବଦସ୍ତି ଖୁଆନ୍ତି ତାଦ୍ୱାରା ତୋ ପାଟିଟି ଅଳ୍ପ ସମୟ ପିତା ଲଗି ଭଲ ହୋଇଯାଏ କିନ୍ତୁ ଶରୀର ଟା ସବୁଦିନପାଇଁ ଭଲ ହୋଇଯାଏନା । ତୁ ଯଦି ବୁଝି ଯାଆନ୍ତୁ ଆଉ ନିଜେ ତାକୁ ଇଚ୍ଛା କରି ଖାଇଦିଅନ୍ତୁ ତୋତେ କ'ଣ ମେଡ଼ିସିନ ଖାଇବାକୁ ଆଉ କଷ୍ଟ ଲାଗନ୍ତାକି । ଠିକ କଥା କହିଲ ଜେଜେମା । ସେଥିପାଇଁ ବୋଧେ ବାପା ସବୁବେଳେ କହନ୍ତି ଆଗ୍ରହରେ ପାଠ ପଢ଼ କ୍ଷ ହଁରେ ଗୋଲୁ ତତେ ଏବେ ଘଣ୍ଟା ଘଣ୍ଟା ବସି ପାଠ ପଢିବା, ସକାଳୁ ଉଠି ସ୍କୁଲ ଯିବା ସବୁ କଷ୍ଟ ଲାଗୁଥିବ । ତୁ ଯଦି ତୋ ନିଜ ମନକୁ ବୁଝାଇ ଦେବୁ ଯେ ସେଥିରେ ତୋର ହିଁ ଲାଭ ଅଛି, ଆଜି ଯଦି ପରିଶ୍ରମ କରି ଭଲ ପାଠ ପଢ଼ିବି ତାହେଲେ କାଲି ଜ୍ଞାନ ପାଇ ଭଲ ମଣିଷଟେ ହେବି ସମାଜରେ ପ୍ରତିଷ୍ଠିତ ହୋଇ ଚଳିବି ତେବେ ତତେ ପାଠ ପଢିବା କିମ୍ବା ପଠାପାଇଁ ସମୟ ଦେବାକୁ ଜମା କଷ୍ଟ ଲାଗିବନାହିଁ । ବାପା,ମା ଓ ଗୁରୁଜନ ମନେ କହୁଥିବା ଭଲକଥା ଗେଜେଗେଜେ ପରି ନ ଲାଗି ଜୀବନମନ୍ତ୍ର ପରି ଲାଗିବ । ହଁ ଯେ ଜେଜେମା ବଡ଼ ହେଲେ ପଢ଼ିବିନି ।

ଦେଖ ଗୋଲୁ ତୁତ ପାଠରେ ପଢ଼ିଛୁ ସବୁ ଋତୁ ନିର୍ଦ୍ଦିଷ୍ଟ ସମୟରେ ପରିବର୍ତନ ହୋଇଯାଆନ୍ତି ବୟସ ବି ନିର୍ଦ୍ଧିଷ୍ଟ ସମୟରେ ବଢ଼ି ଚାଲିବ । ଶୀତରୁ ରକ୍ଷା ପାଇବାପାଇଁ ଯେମିତ ତା ଆଗରୁ ସ୍ୱିଟର, ଟୋପି ସବୁ ସଜାଡି ରଖିବାକୁ ହୁଏ ଆଉ ବର୍ଷା ଆଗରୁ ଛତା ଠିକ ସେହିପରି ଭବିଷ୍ୟତ ରେ କ'ଣ କରିବାର ଅଛି ତାକୁ ଏବେଠାରୁ ସ୍ଥିର କରିନେଇ ପ୍ରସ୍ତୁତି ଆରମ୍ଭ କରିନେଲେ ସେ ସ୍ଥାନରେ ପଂହଁଚିବାକୁ ଅତି ସହଜ ହୋଇଥାଏ । କାହିଁକିନା ସମୟ ଥାଉ ଥାଉ ସବୁ କରିବାକୁ ହୁଏ । ଏ ସମୟ କେବେ କାହାକୁ ଅପେକ୍ଷା କରେନାହିଁ।

ଗୋଲୁ ଏଥର ଜେଜେମାଙ୍କୁ କୁଣ୍ଢେଇ ପକାଇ ଆଧୁନିକ ଷ୍ଟାଇଲରେ କହିଉଠିଲା ---- ଶାନ୍ତି ଦେବୀଙ୍କ ପ୍ରବଚନ ମୋ ଆଖି ଖୋଲିଦେଇଛି ।

'ପ୍ରତ୍ୟେକ କାମ (ଯାହା ଆମର ଭଲ ପାଇଁ ଉଦିଷ୍ଟ ) ଆଗ୍ରହ ର ସହ କରିଲେ ତାହା ଆମକୁ କଷ୍ଟ ଲାଗିବ ନାହିଁ ' । ଠିକ ସମୟରେ ଠିକ କାମ ନକଲେ ତାହା କେବେ ଫଳପ୍ରଦ ହୁଏନାହିଁ। ତେଣୁ ମୁଁ ଆଜିଠାରୁ ତାହା ପାଳନ କରିବି ।

ଖୁସିର ମୂଳ ମନ୍ତ୍ର ହେଉଛି 'କର୍ତ୍ତବ୍ୟ କୁ ଗ୍ରହଣ କରିବା' ।

ଆଧୁନିକ ନାତିଆର କଥା ଶୁଣି ଜେଜେମା' ବି ନିଜ ହସକୁ ଆଉ ଅଟକାଇ ପାରିଲେନାହିଁ...........।

+ ଭୁବନେଶ୍ୱର
ମୋ: ୮୨୮୦୩୧୧୦୦୦

# କୁକୁର ହେଲା ଜଗୁଆଳ

ରମେଶ ଚନ୍ଦ୍ର ଦାଶ



ଭଲ କାମ କରୁଥିବା ପ୍ରାଣୀମାନଙ୍କୁ ଉତ୍ସାହିତ କରିବା ପାଇଁ ବାଘ ସେମାନଙ୍କୁ ପୁରସ୍କାର ଦେବା ନିମନ୍ତେ ଗୋଟିଏ ଯୋଜନା କଲା । ଏକଥା ଚାରିଆଡ଼େ ପ୍ରଚାରିତ ହେବା ପରେ ଭଲ କାମ କରୁଥିବା ପ୍ରାଣୀମାନଙ୍କ ମନରେ ଆନନ୍ଦର ସୀମା ରହିଲା ନାହିଁ। କିନ୍ତୁ କିପରି ଯୋଗ୍ୟ ପ୍ରାଣୀମାନଙ୍କୁ ଖୋଜାଯିବ ସେଥିପାଇଁ ବାଘ ଅଡୁଆରେ ପଡ଼ିଲା । ମନ୍ତ୍ରୀ ଭାଲୁ ଓ ସେନାପତି ଘୋଡ଼ାକୁ ଏ ଦାୟିତ୍ୱ ତୁଲାଇବାକୁ କହିବାରୁ ସେମାନେ ବି ରାଜି ହେଲେ ନାହିଁ। ବିଳମ୍ବ ହେବାରୁ ପୁରସ୍କାର ପାଇଁ ଆଶାୟୀ ପ୍ରାର୍ଥୀମାନେ ରାଜାଙ୍କର ଏହା ମିଥ୍ୟା ପ୍ରତିଶ୍ରୁତି ବୋଲି କହି ବୁଲିଲେ । ଦିନେ ବାଘ ବାଘୁଣୀ ସହିତ ଏ ବିଷୟରେ କଥା ହେଲା । ବାଘୁଣୀ କହିଲା- ଏଭଳି କାମ ଏକୁଟିଆ କରିବା ଅପେକ୍ଷା କିଛି ପ୍ରାଣୀଙ୍କୁ ନେଇ କରିବା ଭଲ । ବାଘ ମନକୁ ବାଘୁଣୀର କଥାଟି ପାଇଲା । ସେ ସଙ୍ଗେ ସଙ୍ଗେ ମନ୍ତ୍ରୀ, ସେନାପତିଙ୍କ ସହିତ ଆଉ କେତେକ ପ୍ରାଣୀଙ୍କୁ ନେଇ ଗୋଟିଏ ସମିତି ଗଢ଼ିଲା । ସେମାନେ ବିଚାର କରି ଯାହାର ନାମ ସୁପାରିଶ କରିବେ ବାଘ ସେହିମାନଙ୍କୁ ପୁରସ୍କାର ଦେବ ବୋଲି ସ୍ଥିର ହେଲା । ବାଘର ଏପରି କାର୍ଯ୍ୟକୁ ସମସ୍ତେ ପ୍ରଶଂସା କଲେ । ସେହି ସମିତିରେ ଥାଏ ବିଲୁଆ । ସେ ତ ଭାରି ଚାଲାକ । ତାର ବନ୍ଧୁ କୁକୁର । ସେ ଏହି ମଉକାରେ କୁକୁର ସବୁଠାରୁ ଯୋଗ୍ୟ ପ୍ରାଣୀ ବୋଲି ଦାବି କଲା । ତା' କଥାକୁ ଭାଲୁ ବି ସମର୍ଥନ କଲା । କାରଣ ଭାଲୁ ଓ ବିଲୁଆ ଦୁଇ ସଙ୍ଗାତ ଥିଲେ ।

ଭାଲୁ ଓ ବିଲୁଆ ଦୁଇଜଣ ଗୋଟିଏ କଥା କହିବାରୁ ଅନ୍ୟମାନେ ସେହି ପ୍ରସ୍ତାବରେ ରାଜି ହେଲେ । ଶେଷରେ କୁକୁରକୁ ପୁରସ୍କାର ଦିଆଯିବା ପାଇଁ ସୁପାରିଶ କରାଗଲା । ବାଘ ବି ସୁପାରିଶ ଅନୁସାରେ କୁକୁରକୁ ପୁରସ୍କାର ଦେଲା । ତାପରେ ତ ହେଲା ଆଲୋଚନା । ପ୍ରକୃତରେ କୁକୁର କିଛି କାମ କରୁନଥିଲା । ସେ କେବଳ ବିଲୁଆ ସହିତ ବୁଲାବୁଲି କରୁଥିଲା ।

ସମସ୍ତଙ୍କ ଠାରୁ ତିରସ୍କାର ପାଇବା ପରେ ବିଲୁଆ ଗୋଟିଏ ଉପାୟ ପାଂଚିଲା । ସେ କୁକୁରକୁ କହିଲା- ତୁ ଏମିତି କିଛି କାମ କର ଯାହାଫଳରେ ଅନ୍ୟମାନେ ତୋତେ ଭଲ ପାଇବେ । କୁକୁର କେଉଁ କାମ କରିବ ବୋଲି ଭାବିଲା । ଏମିତି ବୁଲୁ ବୁଲୁ ସେ ମଣିଷ ପାଖରେ ପହଂଚିଲା । ମଣିଷ ତାର ସବୁ ଗୁଣ ପରଖିଲା । ତାପରେ ତାକୁ ପଚାରିଲା- ମୋର ଗୋଟିଏ ଜଗୁଆଳ ଦରକାର । ତୁ ସେହି କାମ କରିପାରିବୁ ? ଏଥିରେ କୁକୁର ରାଜି ହୋଇଗଲା । କାରଣ ତାର ଘ୍ରାଣ ଶକ୍ତି ପ୍ରଖର । ତାର ବିଷ ମଧ ଅଧିକ ।

କୁକୁର ମଣିଷର ଜଗୁଆଳୀ କାମ କରିବାରୁ ସମସ୍ତେ ତାକୁ ଡରିଲେ ଓ ସେ ପାଇଥିବା ପୁରସ୍କାର ଯଥାର୍ଥ ବୋଲି କହିଲେ । ଏହାଦ୍ୱାରା ବିଲୁଆର ବି ମାନ ବଢ଼ିଲା ।

ଶିକ୍ଷାଶ୍ରୀ ଲେନ୍
କୁମ୍ଭାରପଡ଼ା, ପୁରୀ-୨, ପୁରୀ
ମୋବାଇଲ୍ ନଂ-୯୭୭୬୨୩୮୫୨୨
୭୮୭୩୯୭୯୦୫୬

# ନୂଆ ସାଙ୍ଗ

ବିଜୟଲକ୍ଷ୍ମୀ ପାଣିଗ୍ରାହି





ବାପା ଶୋଇ ପଡିବା ଦେଖି ରାନୁର ବିଲେଇ ଆଖି ପଡେ ବାପାଙ୍କ ମୋବାଇଲ ଉପରେ। ବାଘ ପାଦ ଚାପି ଶିକାର କଲାଭଳି ମୋବାଇଲକୁ ଝାଂପ ଦିଏ ଭାରି ସତର୍କତାରେ। ମାଆ ତ ଘର କାମରେ ବ୍ୟସ୍ତ। ତାଙ୍କୁ ରାନୁର ଏ କରାମତି ଜମାରୁ ଦେଖା ଯାଏନି। ଗଡ ଜିତିବାର ଖୁସିରେ ନିଜକୁ ସାବାସୀ ଦେଉଥାଏ। ପ୍ରତିଦିନ ଏମିତି ବାଗ କରି ମୋବାଇଲରେ ଖେଳ ଖେଳୁଥାଏ। ବାପା ଉଠିବା ପୂର୍ବରୁ ମୋବାଇଲ ତା ସ୍ଥାନରେ ଯେମିତି ସେମିତି ଥାଏ। ଏହିଭଳି ଭାବରେ ପ୍ରତିଦିନ କିଛି ଖେଳ ମୋବାଇଲରେ ଅପଲୋଡ଼ ହୁଅନ୍ତି ଖୁବ କାମ ସମୟ ପାଇଁ। କାରଣ ବାପା କାଳେ ଜାଣିଦେବେ, ସେଥିପାଇଁ ସେମାନଙ୍କୁ ମାରିଦେବାକୁ ହେବ ଖେଳ ସରିଲେ। ଏଇ ଦୁଇଦିନ ହେଲା ଅପଲୋଡ଼ ହୋଇଥିବା କାର ଡ୍ରାଇଭିଂ ଖେଳଟିକୁ ଅନଇଂଷ୍ଟଲ କରିବାକୁ ଯାଉଛି ରାନୁ ଦେଖିଲା କାରଟି ହସି ହସି କହୁଛି, ରାନୁ! ଏହି ଦୁଇ ଦିନ ଧରି ତୁମେ ମୋ ସହିତ ଖେଳିଲ। ମୋତେ ଭାରି ମଜା ଲାଗିଲା। ଆମେ ଦୁହେଁ ମିଶି କେତେ ଖେଳିଲେ।କେତେ ରାସ୍ତା ଅତିକ୍ରମ କଲେ। ଆଜି ପର୍ଯ୍ୟନ୍ତ ଯିଏ ବି ମୋତେ ଖେଳିଛନ୍ତି ,କିଏ କେତେ ଦୁର୍ଘଟଣା କରାଇଛନ୍ତି। କିନ୍ତୁ ତୁମେ ଏତେ ସୁନ୍ଦର ଖେଳିଲ ଯେ ଗୋଟେ ଥର ବି ମୋତେ ଅସୁବିଧା ହୋଇନି। ମୁଁ ଆଜି ଭାରି ଖୁସି।ତମେ ମୋର ସବୁଠାରୁ ଭଲ ସାଙ୍ଗ। ଆମେ ସବୁଦିନ ମିଶି ଖେଳିବା।

ତା କଥାରେ ରାନୁ ଭାରି ଖୁସି ହୋଇଗଲା।ସେଥିପାଇଁ ସେ ସେହିଦିନ ମଧ ଖେଳକୁ ଆଉ ଅନଇଂଷ୍ଟେଲ କରିଲା ନାହିଁ। ତା'ପର ଦିନ କୌଣସି ମତେ ବାପା ଏକଥା ଜାଣିସାରିଥିଲେ। ସେ ମାଆଙ୍କୁ କହିଲେ , ଶୁଣୁଛ ! ଆମ ରାନୁ ମୋ ମୋବାଇଲରେ ଖେଳ ଖେଳୁଛି । ସେଥିରେ ମୋର ଦୁଃଖ ନାଇଁ। ହେଲେ ସେ ଲୁଚାଇ ଏ କାମ କରୁଥିବାରୁ ମୁଁ ଭାଇ ଦୁଃଖିତ।

ସନ୍ଧ୍ୟାରେ ମାଆ ରାନୁକୁ ଗଛରେ ପାଣିଦେବାକୁ କହିଲେ। ବାପା ଆଜି କାଲି ସାନ୍ଧ୍ୟ ଭ୍ରମଣରେ ବି ଯାଉଛନ୍ତି। ଏହି ସମୟରେ ସେ ମୋବାଇଲ ସାଥିରେ ନିଅନ୍ତି ନାହିଁ।

ତେଣୁ ସେ ତରତର ହୋଇ ପାଣି ଦେଇଦେଲା। ସିଧା ବାପାଙ୍କ ଟେବୁଲ ଉପରୁ ମୋବାଇଲ ଧରି ଚାଲିଲା ପଢା ଘରକୁ। କାର ସହିତ ଖେଳରେ ମଜି ଗଲା। ମାଆ କେତେବେଳରୁ କ୍ଷୀର କପ୍ ନେଇ ପାଖରେ ଠିଆ ହେଲେଣି ସେକଥା ତାକୁ ଜଣା ନାହିଁ। ମାଆଙ୍କର ଖଣ୍ଡି କାଶ ଶୁଣି ରାନୁ ହଡବଡେଇ ଗଲା।ମୋବାଇଲଟି ତା'ହାତରୁ ଖସି ତଳେ ପଡ଼ିଗଲା। ତା' ଆଖିରେ ଏକ ଛାନିଆ ଭାବ ଦେଖି ମାଆ କହିଲେ ତୁ ଭୁଲ କରୁଛୁ ବୋଲି ଜାଣି ପାରୁଛୁ ତ। ହେଲେ ଏମିତି କାମ କାହିଁକି କରୁଛୁ? ତୋ ବାପା ଆଜି କେତେ ମନ ଦୁଃଖ କଲେ। ତୁ ତ ଆମର ସୁନା ପିଲା। ତୋ ପରି ପିଲାମାନେ କଣ ଭୁଲ କରନ୍ତି ?

ରାନୁ ଉଠିପଡ଼ି ମାଆକୁ କୋଳେଇ ଧରିଲା। କହିଲା ମାଆ ମୋବାଇଲର ସେ କାର୍ ଟି ମୋର ବଡ ସାଙ୍ଗ ହୋଇଯାଇଛି। ମୋ ସାଥିଲେ ସବୁବେଳେ ଖେଳୁଛି। ମୋତେ ଭାରି ଭଲ ଲାଗୁଛି। ନହେଲେ ମୁଁ ଏକୁଟିଆ କଣ କରିବି ଯେ?। ମୋ ସହିତ କିଏ ଖେଳୁ ନାହାଁନ୍ତି। ଏତିକି ବେଳକୁ ରାନୁର ଆଖି ଓଦା ହୋଇଗଲାଣି।ମାଆ ତା ଆଖିରୁ ଲୁହ ପୋଛି ଦେଇ କହିଲେ, ନେ... କ୍ଷୀର ପିଇଦିଏ। ତାପରେ ଆମେ ଦୁହେଁ ମିଶିକି ଖେଳିବା। ରାନୁ ମୁହଁରେ ହସର ଧାରଟିଏ ଖେଳିଗଲା। ଆଖିରେ ମାଆ ପ୍ରତି କେତେ ଭଲ ପାଇବା। କେଇ ସେକେଣ୍ଡରେ କ୍ଷୀର ପିଇଦେଇ ରାନୁ ମାଆ ହାତ ଟାଣି ଟାଣି ନେଲା ବାପାଙ୍କ ଟେବୁଲ ପାଖକୁ। ଟେବୁଲ ଉପରେ ମୋବାଇଲଟିକୁ ରଖିଦେଇ କହିଲା, ବାଏ ସାଙ୍ଗ ! ମୁଁ ଏବେ ଆଉ ଏକ ସାଙ୍ଗ ପାଇଗଲି।

ତା'ପରେ ମାଆ ଝିଅ ଏରୁଣ୍ଡିବନ୍ଧ ଡେଇଁ ଘର ବାହାରେ ଖପରା କାତି ଖେଳ ଖେଳୁଥିଲେ। ମାଆ ବାରମ୍ବାର ହାରିବାରେ ଯେତିକି ଆନନ୍ଦ ହେଉଥିଲେ ରାନୁ ଜିତିବାର ସେତିକି ଖୁସି।

+ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ
ମୋ- ୮୨୪୯୪୫୦୦୫୦

## କୁହ ମୁଁ କିଏ

ରତ୍ନକାନ୍ତି ମିଶ୍ର



ଖରା ବର୍ଷାରେ ମୁଁ ଖୋଜା ପଡଇ
ସେବା କରେ ମଥା ଉପରେ ଥାଇ,
କଳା ଧଳା ନାଲି ରଙ୍ଗର କେତେ
ଶୋଭାପାଏ ମୁହିଁ ତୁମରି ହାତେ,
ସଭିଙ୍କ ହିତରେ ମୁଁ ପରା ଥାଏ
କହିବ କି ମୋର ନାମଟି କିଏ ? (ଛତା)

ତୁମ ପାଦ ତଳେ ମୋହରି ସ୍ଥାନ
ଜୀବନଟା ସାରା ସହେ କଷଣ,
ଖାଲ ଢିପ ଅବା ସୁଗମ ପଥ
ଚାଲୁଥାଏ ବାଟ ନହୋଇ କ୍ଲାନ୍ତ,
ପାଦ ତୁମ ସଫା ମୋ ପାଇଁ ରହେ
ଚିହ୍ନିଲ ତ ଏବେ କୁହ ମୁଁ କିଏ ?(ଚପଲ)

ତୁମରି କାନ୍ଧରେ ଲଟକି ଥାଏ
କେତେ କିସମର ଦେଖା ମୁଁ ଯାଏ
ସାଇତି ରଖେ ମୁଁ ବହି ପତର
ଜରୁରୀ କାଗଜ ଟଙ୍କା ବା ହାର
ପନି ପରିବା ବି ମୁଁ ବୋହିଥାଏ
କହିବ କି ମୋର ନାମଟି କିଏ ?(ବ୍ୟାଗ)

+ଆଳି, କେନ୍ଦ୍ରାପଡା

## ସାଧନାଟି କଲେ ମିଳଇରେ ସିଦ୍ଧି

ନୀଳମଣି ଚାନ୍ଦ



ବହିଖାତା ଥୋଇ ସେ ଦିନ ଆହାନ୍
ବସିଥିଲା ମନମାରି
ପଚାରିଲେ ଆଇ' ଉତ୍ତର ସେ ଦେଲା
ପାଠ ଲାଗେ କଷ୍ଟ ଭାରି।

ଇତିହାସ ସବୁ ପୁରୁଣା କଥାଟି
ରହୁନି ମୋତେ ମୋ ମନେ
ଗୋଟେଗୋଟେ ଅଙ୍କ କଷିବା ପାଇଁକି
ଚାଲିଯାଏ ଦିନେ ଦିନେ।

ସାହିତ୍ୟର ଶବ୍ଦ ଅର୍ଥ ସବୁକୁରେ
ପାରୁନାହିଁ ମୁହିଁ ବୁଝି
ଇଂରାଜୀଟା ଗୋଟେ ବିଦେଶୀଭାଷାରେ
ତା' ସାଥିରେ ହୁଏ ଯୁଝି।

ଠିକ୍ ସମୟରେ ନିୟମିତ ଭାବେ
କିଏ ଯିବି ବିଦ୍ୟାଳୟ
ଗୁରୁଜୀ କହନ୍ତି ଖେଳକୁଦ ପଛେ
ପାଠରେ ରଖରେ ଲୟ।

ଆଇ ବୁଝେଇଲେ ତୁ ଜଣେ ବିଦ୍ୟାର୍ଥୀ
ଅଧ୍ୟୟନ ତୋ'ର କାମ
ସାଧନାଟି କଲେ ଲଭିବୁରେ ସିଦ୍ଧି
ବଢିବ ତୋହରି ନାମ।

କଷ୍ଟ କଲେ କୃଷ୍ଣ ମିଳଇ ଜୀବନେ
ମନେ ରଖିବୁ ଏ କଥା
ପାଠଟି ଲାଗିବ ସହଜ ସରଳ
ଲଗେଇଲେ ସିନା ମଥା।

+ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭



## କବିତା ତୁମ ପାଇଁ

### ସତ ସପନ

ସନ୍ତୋଷ କୁମାର ଅଦାବର

ବାପା ମାଆ ନିଜ ପୁଅ ଝିଅ ପାଇଁ
ଦେଖନ୍ତି ଭଲ ସପନ
ପୁଅ ଝିଅ ତାହା ସାକାର କରିଲେ
ସତ ସପନ ଏ ଜାଣ ।

ଭଲ ପଢ଼ି ତୁମେ ପରୀକ୍ଷାରେ ଯଦି
ଠିକ୍ କର ଫଳାଫଳ
ଏହାକୁ କହିବା ସତ ସପନଟି
ସାକାର ହେଲା ତୁମର ।

ଅକ୍ଳାନ୍ତ ଅଧ୍ୟବସାୟ କରି ଯଦି
ଲକ୍ଷ୍ୟ ହାସଲ କରିବା
ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପାରିଲେ
ସତ ସପନ କହିବା ।

ନିଦରେ ଶୋଇକି ଯାହା ସବୁ ଦେଖୁ
ଏହା ନୁହେଁ ସେ ସପନ
ଭଲ କାମ ପାଇଁ ଚେଇଁ ଯାହା ଭାବୁ
ସେ ସପନଟି ଏହା ଜାଣ ।



ସପନକୁ ସତ କରିବାକୁ ହେଲେ
ଆସେ ବହୁ ବାଧା କ୍ଳେଶ
ମନ ପ୍ରାଣ ଦେଇ ହାସଲ କରିଲେ
ମୁହଁରେ ଫୁଟଇ ହସ ।

+ବୀରମହାରାଜପୁର ଜି-ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮

# ବେଆଇନ ବାଲି ଚାଲାଣ ଉଦ୍ୟମ : ଗ୍ରାମବାସୀଙ୍କ ଦ୍ୱାରା ଟ୍ରାକ୍ଟର ଅଟକ

ଚମ୍ପୁଆ, ୦୫/୧୦ (ନି.ପ୍ର): ବେଆଇନ ଭାବେ ବାଲି ଚୋରା ଚାଲାଣ ବେଳେ ଗ୍ରାମବାସୀଙ୍କ ଦ୍ୱାରା ଟ୍ରାକ୍ଟର ଅଟକ । ଏହାକୁ ନେଇ ଗ୍ରାମରେ ଉତେଜନା ଦେଖା ଦେଇ ଥିବାବେଳେ ଖବର ପାଇ ପ୍ରଶାସନ ଘଟଣା ସ୍ଥଳରେ ପହଂଚି ଟ୍ରାକ୍ଟର କୁ ଜବତ କରିଥିବା ଜଣାପଡିଛି । ମିଳିଥିବା ଖବର ଅନୁସାରେ, ଚମ୍ପୁଆ ବ୍ଲକ, ଭୁଇଁପୁର ପଂଚାୟତ ଅନ୍ତର୍ଗତ ରାଉତରାୟପୁର ମେର୍ମେଦା ନାଳରୁ ଦୈନିକ ବେଆଇନ ବାଲି ଚୋରା ଚାଲାଣ ନେଇ ଗ୍ରାମରେ ଅସନ୍ତୋଷ ପୁଞ୍ଜିଭୁତ ହୋଇ ଥିଲା । ଏହାକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ଭୂଇଁପୁର ଆରଆଇଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସବୁ ଜାଣି ନିରବ ରହୁଥିଲେ ଆରଆଇ। ଯାହାକୁ ନେଇ ଗ୍ରାମରେ ପୁଞ୍ଜିଭୂତ ଅସନ୍ତୋଷ ଆଜି ପୁନର୍ବାର ବାଲି ଚୋରା ଚାଲାଣବେଳେ ଉତେଜନାର ରୂପ ନେଇଥିଲା। ଓଡି୦୯ ଇଉ ୦୬୧୨ ନମ୍ବର ଏକ ଟ୍ରାକ୍ଟର ବାଲି ଚାଲାଣ ପାଇଁ ଗଛ କାଟି ନାଳରୁ ବାଲି ଉତୋଳନ କରୁ ଥିବାବେଳେ ଗ୍ରାମବାସୀ ଏକତ୍ରିତ ହୋଇ ଗାଡିକୁ ଅଟକ ରଖିଥିଲେ। କିଛି ସମୟ ପାଇଁ ଉକ୍ତ ସ୍ଥାନରେ ଉତେଜନା ଦେଖିବାକୁ ମିଳିଥିଲା। ଗାଡି ମାଲିକଙ୍କ ସହିତ ଗ୍ରାମବାସୀଙ୍କ ପାଟି ତୁଣ୍ଡ ହେବା ଯୋଗୁଁ ଶେଷରେ ଗ୍ରାମବାସୀ ଚମ୍ପୁଆ ତହସିଲଦାରଙ୍କୁ ସୂଚନା ଦେବାପରେ ବନ ବିଭାଗ ଓ ବାରିଆ ପୋଲିସକୁ ମଧ୍ୟ ଖବର ଦେଇଥିଲେ । ଖବରପାଇ ଉଖୁଣ୍ଡା ବନ ବିଭାଗ ସହିତ ବାରିଆ ପୋଲିସ ଘଟଣାସ୍ଥଳରେ ପହଂଚିବା ପରେ ଚମ୍ପୁଆ ଅତିରିକ୍ତ ତହସିଲଦାର ରମେଶ ନାଏକ ଓ ଭୂଇଁପୁର ଆର ଆଇ ଘଟଣା ସ୍ଥଳରେ ପହଂଚି ଗାଡିଟିକୁ ଜବତ କରିବା ସହ ବାଲି ଉତୋଳନ ପାଇଁ ଆବଶ୍ୟକୀୟ ସରମଜାମ ମଧ୍ୟ ଜବତ କରିଥିବା ଜଣା ପଡିଛି। ସୂଚନା ଯୋଗ୍ୟ କି, ଏହି ଅଂଚଳରୁ ଦୈନିକ ଏକାଧିକ ଟ୍ରାକ୍ଟର ଯୋଗେ ବାଲି ଚୋରା ଚାଲାଣ କରାଯିବା ଯୋଗୁଁ ରାସ୍ତା ଘାଟ ନଷ୍ଟ ହେବା ସହ ମୃତିକା କ୍ଷୟ ହେଉଥିଲା। ଏପରିକି ଟ୍ରାକ୍ଟର ଚଳାଚଳ ପାଇଁ ବହୁ ଗଛ କଟାଯାଇ ରାସ୍ତା କରାଯାଇ ଥିବାରୁ ଏହାକୁ ନେଇ ଗ୍ରାମରେ ଅସନ୍ତୋଷ ପୁଞ୍ଜିଭୁତ ହେଉଥିଲା। ଏନେଇ ଗ୍ରାମବାସୀଙ୍କ ତରଫରୁ ବହୁବାର ଭୂଇଁପୁର ଆରଆଇଙ୍କ ଦୃଷ୍ଟି ଆକର୍ଷଣ ସତ୍ୱେ ସେ କାର୍ଯ୍ୟାନୁଷ୍ଠାନ ପାଇଁ କୌଣସି ଗୁରୁତ୍ୱ ଦେଉନ ଥିବା ଏକ ପ୍ରଶ୍ନବାଚୀ ସୃଷ୍ଟି କରୁ ଥିବାବେଳେ ଆଜି ବାଧ ହୋଇ ଗ୍ରାମବାସୀମାନେ ଏକତ୍ରିତ ହୋଇ ବାଲି ଚୋରାଚାଲାଣ କରୁଥିବା ଟ୍ରାକ୍ଟରକୁ ଅଟକ ରଖି ପ୍ରଶାସନକୁ ହସ୍ତାନ୍ତର କରିଥିବା ଜଣାପଡିଛି।

# ଜୟପୁରରେ ପିସିସିଙ୍କ ସାମ୍ବାଦିକ ସମ୍ମିଳନୀ

ଜୟପୁର, ୦୫/୧୦ (ନି.ପ୍ର): ଦୁଇ ଦିନିଆ ଅବିଭକ୍ତ କୋରାପୁଟ ଗସ୍ତରେ ରାଜ୍ୟ କଂଗ୍ରେସ ଟିମ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଫଳତା କୁ ବି ବଖାଣିବେ । ବିଜେଡି ଓ ବିଜେପି ପାଇଁ ଗୋଟିଏ ମାତ୍ର ବିକଳ୍ପ କଂଗ୍ରେସ ଦଳ । ମାଲକାନଗିରି ଜନସମାବେଶରେ ସାମିଲ ହେବା ପୂର୍ବରୁ କଂଗ୍ରେସ ର ଟିମ ଜୟପୁରରେ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି । ଜୟପୁର ସହର ଭିତରେ ବାଇକ ଶଭାଯାତ୍ରା ସହ ନିଜର ଉପସ୍ଥିତି କୁ ଜାହିର କରିଛି କଂଗ୍ରେସ। ପାରବେଢ଼ା ଟ୍ରାଫିକ ଛକ ଠାରୁ ଏକ ବିଶାଳ ବାଇକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା କଂଗ୍ରେସ ଦଳର ପିସିସି ସଭାପତି ଶରତ ପଟ୍ଟନାୟକ, ରାଜ୍ୟ କଂଗ୍ରେସ ପ୍ରଭାରୀ ଚେଲା କୁମାର, ବିଜୟ ପଟ୍ଟନାୟକ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ସହ ଅନେକ ଟାଣୁଆ ନେତା ଏହି ଶୋଭାଯାତ୍ରା ରେ ସାମିଲ ଥିଲେ । ଆଜି ମାଲକାନଗିରି ଠାରୁ ଆରମ୍ଭ ହେଇଛି କଂଗ୍ରେସର ବିଜୟ ଅଭିଯାନ ଯାତ୍ରା । ଜୟପୁର ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ଜରିଆରେ ରାଜ୍ୟ ପିସିସି ସଭାପତି ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି । ରାଜ୍ୟରେ ଆଉ ଚାଲିବ ନାହିଁ ଅଫିସର ରାଜ ଜନସାଧାରଣ ଆଉ ମୁଖ୍ୟମନ୍ତ୍ରୀ ଙ୍କୁ ଦେଖିବାକୁ ପାଉ ନାହାଁନ୍ତି । ଦେଶରେ ଓଡିଶା ଦରିଦ୍ରରେ ଏକ ନମ୍ବର ହେଲାଣି । ବିଜେଡି ଯାହା କହିଥିଲା ତା ଆଉ ପାଳନ କରିନାହିଁ । ୨ଲକ୍ଷ ରୋଜଗାର ଦେବା ସହ ୩୧୪ ବ୍ଲକ ରେ ପାଣି ଯୋଗାଇବେ, ୧୨ହଜାର ବିଦ୍ୟାଳୟ ନିର୍ମାଣ କରିବା ତାହା କରିପାରିନାହିଁ । ଏପରିକି ୧୬ଲକ୍ଷ ଲୋକ ଖାଇବାକୁ ପାଉ ନାହାଁନ୍ତି ।

# ସାମାନ୍ୟ ବଚସାକୁ ଯୁବକଙ୍କ ବେକ କାଟିଲା ଅନ୍ୟ ଜଣେ ଯୁବକ

କୋରେଇ, ୦୫/୧୦ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ଅମୃତିଆ ପଂଚାୟତର ବଣହରା ଗ୍ରାମରେ ଅଭାବନୀୟ ଘଟଣା ଘଟିଯାଇଛି। ଗତ କାଲି ରାତିରେ ଉକ୍ତ ଗ୍ରାମର ଜଣେ ଯୁବକ ସ୍ଥାନୀୟ ଏକ ହୋଟେଲରେ ଖାଉଥିବା ବେଳେ ସାମାନ୍ୟ ବଚସାକୁ କେନ୍ଦ୍ର କରି ଅନ୍ୟ ଜଣେ ଯୁବକ ସେଠାରେ ପହଂଚି ଏକ ଧାରୁଆ ଅସ୍ତ୍ରରେ ଉକ୍ତ ଯୁବକଙ୍କ ବେକ କାଟି ଦେଇ ଫେରାର ହୋଇଯାଇଥିଲା। ପରେ ଉକ୍ତ ଘଟଣା ବିଷୟରେ ଖବର ପାଇ ପାଣିକୋଇଲି ଥାନା ପୁଲିସ ଉକ୍ତ ଗ୍ରାମ ଉପରେ ରାତି ଅଧିଆ ଚଡାଉ କରି ଆକ୍ରମଣ କରିଥିବା ଯୁବକଙ୍କୁ ଗିରଫ କରିବାରେ ସକ୍ଷମ ହୋଇପାରିଛି। ସୁଚନାନୁସାରେ ଅମୃତିଆ ଗ୍ରାମର ଶରତ ମାଝୀଙ୍କ ପୁଅ ସାଇଶ୍ୱର ମାଝୀ ଓ ତାଙ୍କ ସାଙ୍ଗ ଅଭିଯୁକ୍ତ ବଣହରା ଗ୍ରାମର ମଣିଭଦ୍ର ସାହୁ ଗତ କାଲି ରାତି ୯ଟା ବେଳେ ଅନ୍ୟ ସାଙ୍ଗ ମାନଙ୍କ ସହିତ ସ୍ଥାନୀୟ ଏକ ହେଟେଲରେ ରାତ୍ରୀ ଭୋଜନ କରୁଥିବା ବେଳେ ମଣିଭଦ୍ର ନିଜର ସାର୍ଟ ଭିତରେ ଲୁଚାଇ ରଖିଥିବା ଏକ ଖଣ୍ଡାକୁ ସାଇଶ୍ୱର ଦେଖିବା ପରେ ପାଟି କରି କିଛି କହିଥିଲା। ପରେ ଏହାକୁ ନେଇ ନିଶାସକ୍ତ ଥିବା ମଣିଭଦ୍ର ସାଇଶ୍ୱରକୁ ଜାତିଆଣ ମନ୍ତବ୍ୟ ଦେଇ ଗାଳି କରିଥିଲା। ଉକ୍ତ ଘଟଣା ଗଣ୍ଡଗୋଳରୁ ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ତେବେ ଏଥିରେ ଉତ୍ୟକ୍ତ ହୋଇ ମଣିଭଦ୍ର ଧରିଥିବା ଖଣ୍ଡାରେ ସାଇଶ୍ୱରକୁ ଆକ୍ରମଣ କରିଥିଲା। କିନ୍ତୁ ଉପସ୍ଥିତ ଥିବା ଅନ୍ୟ ସାଙ୍ଗମାନଙ୍କ ସହିତ ହୋଟେଲର କର୍ମଚାରୀ ମାନେ ବିରୋଧ କରିବାକୁ ଏକ ବନ ଧରଣର ଅଘଟଣକୁ ଏଡ଼ାଇ ଦିଆଯାଇପାରିଥିଲା। ଆକ୍ରମଣ କରିବା ପରେ ମଣିଭଦ୍ର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଏ ନେଇ ଉପସ୍ଥିତ ଅନ୍ୟ ସାଙ୍ଗମାନେ ସାଇଶ୍ୱରକୁ ସ୍ଥାନୀୟ ଏକ ଡ଼ାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଇବା ପରେ ମଣିଭଦ୍ରଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା ୨୭୮/୨୩ ଧାରା ୩୦୭,୨୯୪ ଓ ଏସ ସିଏସଟି ଆକ୍ଟ ଅନୁସାରେ ମାମଲା ରଜୁ କରିବା ସହିତ ଅଭିଯୁକ୍ତ ମଣିଭଦ୍ରକୁ ଅଟକ ରଖାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ଏସଡ଼ିପିଓ ସଂଜୟ ପଟ୍ଟନାୟକ ଜଣାଇଛନ୍ତି।

# କୋଭିଡ ପରୀକ୍ଷା ପାଇଁ ପାତର ଅନ୍ତର କରାଯାଇଛି: ହେମନ୍ତ ପଣ୍ଡା

ବଲାଙ୍ଗୀର, ୦୫/୧୦ (ନି.ପ୍ର): କରୋନା ପ୍ରଥମ ଲହର ସମୟରେ କୋଭିଡ ଟେଷ୍ଟ ପାଇଁ ରାଜ୍ୟ ବ୍ୟାପୀ ସାଧାରଣ ଜନତା ନୟାନ୍ତ ହୋଇ ଯାଉଥିଲେ ଏବଂ ଅନେକ ଲୋକ ପରୀକ୍ଷା କରି ନପାରି ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିଲେ। ସ୍ଥଳ ବିଶେଷରେ ପରୀକ୍ଷା ପାଇଁ ସୁଯୋଗ ପାଇବା ପୂର୍ବରୁ ମୃତ୍ୟୁ ବରଣ କରିଥିବା କଥା ମଧ୍ୟ ଆଲୋଚନା ହେଉଥିଲା। କିନ୍ତୁ କୋଭିଡ ପରୀକ୍ଷାକୁ ନେଇ ସୂଚନା ଅଧରକାର ଆଇନ ଯୋଗେ ଚାଂଚଲ୍ୟକର ତଥ୍ୟ ପ୍ରଦାନ କରିଛି ରାଜ୍ୟ ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ। ବଲାଙ୍ଗୀରର ବିଶିଷ୍ଟ ସୂଚନା କର୍ମି ହେମନ୍ତ କୁମାର ପଣ୍ଡାଙ୍କୁ ଓଡିଶା ଜନ ସ୍ୱାସ୍ଥ୍ୟ ନିଦ୍ଦର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ ୪୦୩୨ ତା ୩୦/୬/୨୦୨୩ ଯୋଗେ ପ୍ରଦାନ କରାଯାଇଥିବା ତଥ୍ୟରେ ଉଲ୍ଲେଖ ରହିଛି ଯେ, ୨୦୨୦ ମସିହା ଜାନୁୟାରୀ ୧ ଦିନ ପ୍ରଥମ କରି କେନ୍ଦୁଝର ଜିଲ୍ଲାରେ ୬ଟି କୋଭିଡ ଟେଷ୍ଟ କରାଯାଇଥିଲା ଓ ଜାନୁୟାରୀ ୩୧ ପର୍ଯ୍ୟନ୍ତ ତଥା ଗୋଡିଏ ମାସ ମଧ୍ୟରେ ରାଜ୍ୟର କେବଳ କେନ୍ଦୁଝର ଜିଲ୍ଲାରେ ୧୪୯୦୦ରୁ ଅଧିକ କୋଭିଡ ଟେଷ୍ଟ କରାଯାଇଥିବା ତଥ୍ୟ ହସ୍ତଗତ ହୋଇଛି। ଜାନୁୟାରୀ ୩୧ ସୁଦ୍ଧା ରାଜ୍ୟର କୌଣସି ଜିଲ୍ଲାରେ କୋଭିଡ ପରୀକ୍ଷା ହୋଇ ନଥିବା ତଥ୍ୟ ମଧ୍ୟ ରହିଛି । ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ପ୍ରଦାନ କରିଥିବା ଏହି ତଥ୍ୟ ଅନୁସାରେ ୨୦୨୦ ମସିହା ଜାନୁୟାରୀ ୧ରୁ ୨୦୨୦ ଜୁଲାଇ ୧୫ ପର୍ଯ୍ୟନ୍ତ କେବଳ କେନ୍ଦୁଝର ଜିଲ୍ଲାରେ କରାଯାଇଥିବା ସମୁଦାୟ କୋଭିଡ ପରୀକ୍ଷାର ଅଧାଅଧି ସଂଖ୍ୟା ମଧ୍ୟ ବାକି ୨୯ ଜିଲ୍ଲାରେ ଏହି ସମୟ ମଧ୍ୟରେ ହୋଇ ନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଜାନୁୟାରୀ ଶେଷ ସପ୍ତାହରେ କେରଳରେ ଭାରତର ପ୍ରଥମ କୋଭିଡ ପଜିଟିଭ ରୋଗୀ ଚିହ୍ନଟ କରାଯାଇଥିଲା। ଚୀନର ଓ୍ୟୁହାନ ସହରରୁ କେରଳକୁ ଫେରିଥିବା ଦୁଇଜଣ ଡାକ୍ତରୀ ଛାତ୍ରଙ୍କୁ ଭାରତର ପ୍ରଥମ କୋଭିଡ ରୋଗୀ ବୋଲି ଚିହ୍ନଟ କରାଯାଇ ଗଣମାଧମରେ ପ୍ରଚାର କରାଯାଇଥିଲା । କିନ୍ତୁ ଓଡିଶାରେ ୨୦୨୦ ମସିହା ଜାନୁୟାରୀରୁ କୋଭିଡ ପରୀକ୍ଷା କରାଯାଇଥିବା ଅବିଶ୍ୱସନୀୟ ସରକାରୀ ତଥ୍ୟ ସୂଚନା କର୍ମି ପଣ୍ଡାଙ୍କ ହସ୍ତଗତ ହୋଇଛି । ଜନତା କର୍ଫ୍ୟୁ ଓ ଲକଡାଉନ ପୂର୍ବରୁ ତଥା ୨୦୨୦ ମସିହା ମାର୍ଚ୍ଚ ୨୪ ପୂର୍ବରୁ ଓଡିଶାରେ କୋଭିଡ ଟେଷ୍ଟ ହଜାର ହଜାର ସଂଖ୍ୟାରେ କରାଯାଇଥିବା ଭଳି ଆଶ୍ଚର୍ଯ୍ୟଜନକ ତଥ୍ୟ ପ୍ରଦାନ କରାଯାଇଛି। କୋଭିଡ ଟେଷ୍ଟ ଭଳି ସ୍ପର୍ଶକାତର ବିଷୟକୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ କେତେ ଖାମଖିଆଲୀ ଭାବେ ନେଇଛି ଏହା ସ୍ପଷ୍ଟ ହୋଇଛି ବୋଲି ପଣ୍ଡା କହିବା ସଙ୍ଗେ କୋଭିଡ ଟେଷ୍ଟରେ ବଡ ଧରଣର ଦୁର୍ନିତୀ ରହିଥିବା ବିଷୟକୁ ଏଡାଇ ଦେଇ ହେବ ନାହିଁ ବୋଲି କହିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବାକୁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ପଣ୍ଡା ନିବେଦନ କରିଛନ୍ତି ।

# ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ବନକଲାଗି ନୀତି ସମ୍ପନ୍ନ

ପୁରୀ, ୦୫/୧୦ (ନି.ପ୍ର): ଆଶ୍ୱିନ ମାସ କୃଷ୍ଣ ପକ୍ଷ ଷଷ୍ଠୀ ତିଥିରେ ଆଜି ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ବନକଲାଗି ନୀତି ଅନୁଷ୍ଠିତ ହୋଇଛି । ଶ୍ରୀଜୀଉ ମାନଙ୍କ ଶ୍ରୀମୁଖ ଶୃଙ୍ଗାର ତଥା ବନକଲାଗି ନୀତି ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ନୀତି ସମୟରେ ଗର୍ଭଗୃହର ସମସ୍ତ ଦ୍ୱାର ବନ୍ଦ ରହିଥିଲା । ଦ୍ୱିତୀୟ ଭୋଗମଣ୍ଡପ ପରେ ଦତମହାପାତ୍ର ସେବକମାନେ ସଂନ୍ଧ୍ୟା ୫ଟା ୫୦ରେ ଗର୍ଭଗୃହରେ ପ୍ରବେଶ କରିବା ସହ ଶ୍ରୀଜୀଉମାନଙ୍କ ଏହି ଗୁପ୍ତ ନୀତି ସମ୍ପାଦନ କରିଥିଲେ । ବନକଲାଗି ପରେ ମହାପ୍ରଭୁଙ୍କ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା । ମହାସ୍ନାନ ପରେ ଭକ୍ତ ମାନେ ପୁଣି ଶ୍ରୀ ବିଗ୍ରହ ମାନଙ୍କ ଦର୍ଶନ କରୁଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ଶ୍ରୀଜୀଉଙ୍କ ଶ୍ରୀମୁଖ ଶୃଙ୍ଗାର ନୀତିରେ ପ୍ରାକୃତିକ ରଙ୍ଗ ହିଙ୍ଗୁଳ, ହରିତାଳ, ପ୍ରିୟଙ୍ଗୁ, କସ୍ତୁରୀ, କଳା, ଧଳା ଓ ନାଲି ରଙ୍ଗର ବ୍ୟବହାର ହୋଇଥାଏ ।

# ଲକ୍ଷ୍ୟଭେଦୀ ପ୍ରକଳ୍ପ ତରଫରୁ ପ୍ରୟୋଗଶାଳା ବିଶେଷଜ୍ଞଙ୍କ ନିମନ୍ତେ ଦିନିକିଆ ତାଲିମ

କନ୍ଧମାଳ, ୦୫/୧୦ (ନି.ପ୍ର): ଅଦ୍ୟାବିଧି ଏଚ.ଆଇ.ଭି. ସଂକ୍ରମଣ ରୋକିବା ନିମନ୍ତେ ସରକାରଙ୍କର ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଥିବା ବେଳେ ସୁଗମ ସମନ୍ୱିତ ପରାମର୍ଶ (ଏଫ୍.ଆଇ.ସି.ଟି.ସି) ଓ ରକ୍ତ ପରୀକ୍ଷା କେନ୍ଦ୍ରରେ କାର୍ଯ୍ୟ କରୁଥିବା ପ୍ରୟୋଗଶାଳା ବିଶେଷଜ୍ଞ ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଣୁ ସଠିକ୍ ଅନ୍ତରାଳରେ ସେମାନଙ୍କର ଦକ୍ଷତା ବୃଦ୍ଧିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ, ରାଜ୍ୟ ଏଡ୍.ସ୍ ନିୟନ୍ତ୍ରଣ ସମିତି, ଭୁବନେଶ୍ୱର ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତି କନ୍ଧମାଳ ଙ୍କ ମିଳିତ ସହଯୋଗରେ ଏକ ଦିନିକିଆ ତାଲିମ ମୂଖ୍ୟ ଚିକିତ୍ସାଳୟ ର ଡି.ଟି.ସି. କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ର ମୂଖ୍ୟ ଲକ୍ଷ୍ୟ ଥିଲା କି, ଯେଉଁ ମାନେ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ସ୍ତରରେ କାର୍ଯ୍ୟରତ ସେମାନଙ୍କର ପରାମର୍ଶ ସେବା ଓ ସଂକ୍ରମିତ ବ୍ୟକ୍ତି କୁ ଚିହ୍ନଟି କରଣ ସମୟରେ ସତର୍କତା ଅବଲମ୍ବନ, ସଠିକ୍ ବିପଦ ସଂକୁଳ ଗୋଷ୍ଠିକୁ ପରଖି ସେମାନଙ୍କୁ ସମନ୍ୱିତ ପରୀକ୍ଷା କେନ୍ଦ୍ର କୁ ପ୍ରେରଣ କରିବା ପ୍ରକ୍ରିୟା ସମ୍ପର୍କରେ ଜ୍ଞାନ ଓ ଦକ୍ଷତା ବଢାଇବା। କର୍ଯ୍ୟକ୍ରମ ରେ ଲକ୍ଷ୍ୟଭେଦି ପ୍ରକଳ୍ପ ତରଫରୁ କାର୍ଯ୍ୟକାରୀ ହେଉଥିବା ଆଠଗୋଟି ବ୍ଲକର ଏଲ.ଟି.ମାନଙ୍କ ସହିତ ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ତରଫରୁ ୫ ଜଣ ଏଲ.ଟି. ମଧ୍ୟ ଯୋଗ ଦେଇଥିଲେ। ଜିଲ୍ଲା ସୁପରଭାଇଜର ଦେବାଶିଷ ମିଶ୍ର ପରାମର୍ଶ ଜନୀତ ସେବା ବିଷୟରେ ସ୍ଲାଇଡ ମାଧମରେ ବିସ୍ତୃତ ଭାବେ ଆଲୋଚନା କରିଥିବା ବେଳେ ଗୋବିନ୍ଦ ଚନ୍ଦ୍ର ଜେନା ଗର୍ଭବତୀ ମା ଠାରୁ ଶିଶୁଙ୍କୁ ସଂକ୍ରମଣ ରୋକିବାର ପ୍ରକ୍ରିୟାଗୁଡିକୁ ଦର୍ଶାଇଥିଲେ। ଏଥି ସହ ଅନୁଷ୍ଠାନର ପ୍ରକଳ୍ପ ସଂଯୋଜକ ବିଶ୍ୱରଞ୍ଜନ କର ପ୍ରକଳ୍ପ ମାଧମରେ କାର୍ଯ୍ୟକାରି ହେଉଥିବା ସୁବିଧା ସୁଯୋଗ ବିଷୟରେ ସମସ୍ତ ଏଲ.ଟି.ମାନଙ୍କୁ ଅବଗତ କରିଥିଲେ। ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ପ୍ରଶନ୍ନ କୁମାର ତ୍ରିପାଠୀ ଜାତୀୟ ଏଡ୍.ସ୍. ନିୟନ୍ତ୍ରଣ ସଂସ୍ଥାର ୫ମ ସଂସ୍କରଣ ରେ ଗୁରୁତ୍ୱ ଦିଆଯାଇଥିବା ତିନୋଟି ସେବାକୁ ୯୫ ପ୍ରତିଶତ ଲକ୍ଷ୍ୟ କିପରି କନ୍ଧମାଳ ଜିଲ୍ଲାରେ ହାସଲ କରାଯାଇ ପାରିବ ତାହା ଉପସ୍ଥାପନ କରିବା ସହ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଶେଷରେ ପ୍ରଦୀପ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିବାବେଳେ ସାନ୍ତନୁ କୁମାର ମିଶ୍ର ଓ ବୈକୁଣ୍ଠ ଚରଣ ଦାସ ଉପସ୍ଥିତ ରହି ସହଯୋଗ କରିଥିଲେ। କାର୍ଯ୍ୟକ୍ରମର ସମସ୍ତ ବିଷୟକୁ ତଥ୍ୟ ସମ୍ବଳିତ କରିବାକୁ ସୃତ୍ୟୁଞ୍ଜୟ ବେହେରା ସହଯୋଗ କରିଥିଲେ।

# ବେସାହାରା ପରିବାରକୁ ସାହାରା ଦେଲେ ସମାଜସେବୀ

ସୋନପୁର, ୦୫/୧୦ (ନି.ପ୍ର): ମାନବିକତା ଆଗରେ ଧନୀ ଗରିବ ଉଚ୍ଚ ନୀଚ ର ଆଦୌ ପାର୍ଥକ୍ୟ ନ ଥାଏ। ଯେମିତି ସମାଜ ରେ ପ୍ରତ୍ୟୋକଟି ଜୀବନର ମୂଲ୍ୟ ବୋଧ ଅଛି । ଆଉ ତାହାର ଆଜି ପ୍ରମାଣ କରି ଦେଖାଇଛନ୍ତି ସୋନପୁର ଫରେଷ୍ଟ ସ୍ମାର୍ଟ ପାର୍କର ପ୍ରକ୍ଷତଃ ଭ୍ରମଣ କାରୀ, ଓ୍ୱାକର୍ସ ଓ ସମାଜସେବୀ ପ୍ରତିନିଧି ଦଳ। ଫରେଷ୍ଟ ସ୍ମାର୍ଟ ପାର୍କରେ କାର୍ଯ୍ୟ କରୁଥିବା ଓ ବିଦ୍ୟୁତ କରେଂଟର ମୃତ୍ୟୁବରଣ କରିଥିବା ଶ୍ରମିକ ବାସନ୍ତି ଦାସଙ୍କ ବେସାହାରା ପରିବାରକୁ ସାହାରା ଦେଲେ ବଂଚିବାର ଭରସା ଦେଲେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ, ପାର୍କ ର ମର୍ନିଙ୍ଗ ଓ୍ୱାକର୍ସ, ସ୍ୱଚ୍ଛ ଭାରତ ସଂଗଠନ, ଫରେଷ୍ଟ ପାର୍କ କର୍ମଚାରୀ, ସମାଜସେବୀ, ସହର ର ବୁଦ୍ଧିଜୀବୀ ଓ ମହାନୁଭବ। ଗତ ୨୫ ତାରିଖରେ ଫରେଷ୍ଟ ପାର୍କ ରେ କରେଣ୍ଟ ଲାଗି ମୃତ୍ୟୁ ବରଣ କରିଥିବା ସ୍ୱର୍ଗୀୟା ବାସନ୍ତି ଦାସଙ୍କ ଶୋକ ସନ୍ତପ୍ତ ପରିବାରକୁ ଆଜି ସକାଳେ ଜିଲ୍ଲା ଅବକାରୀ ଅଧିକ୍ଷିକା ସୁମତି ତ୍ରିପାଠୀ, ସମାଜସେବୀ ଅଭିମନ୍ୟୁ କୁଶଳ, ସୟଦ ଅଲିମୁଲ ଇସଲାମ, ଇନ୍ଦୁମତୀ ପୁରୋହିତ, ରବୀନ୍ଦ୍ର ଜେନାଙ୍କ ନେତୃତ୍ୱରେ ୫୦ ରୁ ଉର୍ଦ୍ଧ୍ୱ ମର୍ନିଙ୍ଗ ଓ୍ୱାକର୍ସ, ସମାଜସେବୀ, ପାର୍କ କର୍ମଚାରୀ, ବୁଦ୍ଧିଜୀବୀ ଭେଟି ସାନ୍ତ୍ୱନା ଦେଲେ ଓ ଆର୍ଥିକ ସହାୟତା ଦେଲେ । ଏହା ସହିତ ସର୍ଗୀୟା ବାସନ୍ତିଙ୍କ ଦୁଇ ଝିଅ, ଏକ ମାତ୍ର ଛୋଟ ପୁଅର ଶିକ୍ଷା, ସ୍ୱାସ୍ଥ୍ୟ, ବାସ ଗୃହ ଓ ସାମାଜିକ ଜୀବନ ର ସମସ୍ତ ଆନୁସଙ୍ଗୀଙ୍ଗ ସୁବିଧା ସଯୋଗ ପ୍ରଶାସନ ଓ ସଂଗଠନ ପକ୍ଷରୁ ଯୋଗାଇ ଦେବାକୁ ଭରସା ଦେଇଥିଲେ କ୍ଷ ଏହା ସହିତ ସୁବର୍ଣ୍ଣପୁର ଏସପି ଅମରେଶ ପଣ୍ଡାଙ୍କ ପକ୍ଷରୁ ୫୦୦୦, ଅବକାରୀ ଅଧିକ୍ଷିକା ସୁମତି ତ୍ରିପାଠୀ ଙ୍କ ପକ୍ଷ ରୁ ୪୦୦୦, ଯୋଗାଣ ବିଭାଗ ଅଧିକାରୀ ସୁରେଶ ପାଣିଗ୍ରାହୀ ଙ୍କ ପକ୍ଷରୁ ୨୫୦୦, ପାର୍କ କର୍ମଚାରୀ ଙ୍କ ପକ୍ଷ ରୁ ୫୦୦୦, ସ୍ୱଚ୍ଛ ଭାରତ, ମର୍ନିଙ୍ଗ ଓ୍ୱାକର୍ସ, ଙ୍କ ପକ୍ଷରୁ ୧୫.୦୦୦, ଟଙ୍କା ସମୁଦାୟ ନଗଦ ୩୨,୦୦୦ ଟଙ୍କା ଏଇ ବେସାହାରା ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରି ମାନବିକତା ପରିଚୟ ଦେଇଛନ୍ତି। ତେଣୁ ଏମାନଙ୍କ ଭଳି ଦୁର୍ଦ୍ଦିନରେ ଥିବା ଲୋକ ଙ୍କ ପାଖରେ ପ୍ରତ୍ୟୋକ ମାନବବାଦୀ ମଣିଷ ଚୁପ ହୋଇ ରହି ନପାରେ। ଆଉ ପରସ୍ପର ପ୍ରତି ସହାନୁଭୂତି ସହଯୋଗ ରଖିବା ପ୍ରତ୍ୟୋକ ଲୋକଙ୍କ ଦୁର୍ଦ୍ଦିନ ସମୟରେ ସାହାରା ଦେବା ପ୍ରକୃତ ମାନବବାଦୀ ଅଟେ। ଯାହାକି ଆଜିର ଏଇ ମହାନୁଭବଙ୍କ ମାନବବାଦୀ ଉଦାହରଣ ଆଗାମୀ ଯୁବ ପିଢୀ ପାଇଁ ସମାଜ ପାଇଁ ଏକ ଶୁଭଙ୍କର ଅଟେ । ଆଜିରର ଏଇ କାର୍ଯ୍ୟକ୍ରମରେ ସଂଯୋଜକ ମନୋରଞ୍ଜନ ତ୍ରିପାଠୀ, ଗରିବ ଲୋଇ, ଆନନ୍ଦ ପାତ୍ର, ଯୋଗେନ୍ଦ୍ର ସେଠି, ଜନ୍ମଜୟ ପାତ୍ର, ସନ୍ତୋଷ ମିଶ୍ର, ଡା, ଦେବେଶ ପଣ୍ଡା, କାର୍ତିକେଶ୍ୱର ପଣ୍ଡା, ଆଶିଷ ସାହୁ, ବେଣୁ ନାଏକ, ପ୍ରତାପ ମେହେର, ବଲୁରାମ ଆଗ୍ରଓ୍ୱାଲ, ଦୀପ୍ତି ମୟୀ ସାହୁ, ସୁଲେଖା ମହାରଣକ୍ଷ, ସଂଗୀତା ନାଏକ, ଶ୍ରୀବନ୍ତ ମିଶ୍ର, ଅକ୍ଷୟ ପାତ୍ର, ସରତ ଭୋଇ, ତରଣୀ ମେହେର, ମହୋନ ବାବୁ, ହରି ଶଙ୍କର ଚୌଧୀରି, ରାଜ କିଶୋର ତ୍ରିପାଠୀ, ବୈକୁଣ୍ଠ ଶତପଥୀ, ଶିବ ନାରାୟଣ ବହିଦାର, ଶାନ୍ତନୁ ବାଗ, ପ୍ରଫୁଲ୍ଲ ନାଏକ, ମନୋଜ ପଣ୍ଡା, ପ୍ରମୁଖ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ।

# ବଲାଣିରେ ଗଡ଼ିଲା ସାଇବର ସଚେତନତା ରଥ

ବଲାଣି, ୦୫/୧୦ (ନି.ପ୍ର): ଉପାନ୍ତ ଖଣି ଅଂଚଳ ବଲାଣିରେ ସାଇବର ସଚେତନତା ରଥ ଗୁରୁବାର ପହଁଚିବା ପରେ ବଲାଣି ଥାନା ପୁଲିସ, ସ୍ଥାନୀୟ ଛାତ୍ରଛାତ୍ରୀ ,ବିଭିନ୍ନ ସଂଗଠନ ଏବଂ ଜନ ସାଧାରଣ ସ୍ୱାଗତ କରିଛନ୍ତି । ସାମାଜିକ ଗଣମାଧମ ବ୍ୟବହାରରେ ସତର୍କତା, ପିଲାମାନଙ୍କୁ ସାଇବର ଅପରାଧରୁ ସୁରକ୍ଷିତ ରଖିବା, ବିଭିନ୍ନ ଅର୍ଥ କାରବାରରେ ସତର୍କତା, ଅନଲାଇନ ସପିଙ୍ଗ ,ଟାଓ୍ୱାର ବସେଇବା ନାମରେ ହେଉଥିବା ଠକେଇ, ମିଥ୍ୟା ନିଯୁକ୍ତି ଠକେଇ ଭଳି ଅନେକ ସାଇବର ଠକେଇରେ ଲୋକେ ହେଉଥିବା ଠକାମିର ଶିକାରରୁ କିଭଳି ସୁରକ୍ଷା କରାଯାଇ ପାରିବ ସେନେଇ ରାଜ୍ୟ ସରକାରଙ୍କ ଦ୍ୱାରା ସଚେତନତା ଅଭିଯାନ ହାତକୁ ନିଆଯାଇଥିବା ବେଳେ ସେପଟ୍ମେର ୩୦ ଠାରୁ ଅକ୍ଟୋବର ୧୫ ପର୍ଯ୍ୟନ୍ତ ସଚେତନତା ରଥ ମାଧ୍ୟମରେ ସାରା ରାଜ୍ୟରେ ଏହି ସଚେତନତା ଅଭିଯାନ ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଗୁରୁବାର ସ୍ଥାନୀୟ ଡିଏଭି ପବ୍ଲିକ ସ୍କୁଲରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଡ଼ିଏସପି ଅମ୍ୱିତ ମହାନ୍ତି, କେନ୍ଦୁଝର ସାଇବର ଥାନା ଅଧିକରିଣୀ ସେରଫେନା ଖେସ ଓ ବଲାଣି ଥାନାର ଥାନା ଅଧିକାରୀ ବିକ୍ରମ କୁମାର ଭୂୟାଁ ପ୍ରମୁଖ ଉପସ୍ଥିତ ହୋଇ ପିଲା ମାନଙ୍କ ମଧ୍ୟରେ ସାଇବର ଠକେଇ କ’’ଣ ଓ ଏହି ଠକେଇରୁ କିପରି ନିଜକୁ ସୁରକ୍ଷିତ ରଖାଯାଇ ପରିବ ସେ ନେଇ ପିଲାଙ୍କୁ ସଚେତନ କରିଥିଲେ । ଏହି ପରିପ୍ରେକ୍ଷୀରେ ପିଲାଙ୍କ ମଧ୍ୟରେ ସାଇବର ଠକେଇକୁ ନେଇ ବିଭିନ୍ନ ବର୍ଗରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହିତ ସାଧରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଡିଏଭି ପବ୍ଲିକ ସ୍କୁଲ ପକ୍ଷରୁ ଅଧକ୍ଷା ହୀରଣ୍ୟମୟୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ମାନେ ସାଇବର ରଥ ଓ ପ୍ରଶାସନିକ ଅଧିକାରୀଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ସାଇବର ସଚେତନତା ସୃଷ୍ଟି କରିବାକୁ ଏକ ଖୁଦ୍ର ନାଟକ ପ୍ରସ୍ତୁତ କରିଥିଲେ । ପରେ ବଲାଣି ବଜାର ଠାରେ ଜନସାଧାରଣଙ୍କ ମଧ୍ୟରେ ସଚେତନା ସୃଷ୍ଟି କରିବାକୁ ସାଇବର ରଥ ଦ୍ୱାରା ବିଭିନ୍ନ ଅଧିକାରୀଙ୍କ ବାର୍ତ୍ତା ଓ ସଚେତନତା ସମ୍ବନ୍ଧୀୟ ଭିଡିଓ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବଲାଣି ଥାନାର ବିଭିନ୍ନ ଅଧିକାରୀ, କର୍ମଚାରୀ ସମେତ କେନ୍ଦୁଝର ସାଇବର ଥାନାର ଅଧିକାରୀ ଓ କର୍ମଚାରୀ ସମେତ କାର୍ଯ୍ୟକ୍ରମ କୁ ସଫଳ କରିବାକୁ ସ୍ଥାନୀୟ ଅଂଚଳର ବ୍ୟକ୍ତି ବିଶେଷ ଏବଂ ବିଭିନ୍ନ ସଂଗଠନ ସହଯୋଗ କରିଥିଲେ ।

# ଚାକିରୀରୁ ବହିଷ୍କାର ପ୍ରତିବାଦରେ ଅଧ୍ୟାପକ ଅଧ୍ୟାପିକାମାନଙ୍କ ଆମରଣ ଅନଶନ

କେନ୍ଦ୍ରାପଡ଼ା, ୦୫/୧୦ (ନି.ପ୍ର): କେନ୍ଦ୍ରାପଡାର ଦାଣ୍ଡିସାହି ସ୍ଥିତ ବ୍ରାହ୍ମଣୀ ମହା ବିଦ୍ୟାଳୟରେ ଦୀର୍ଘ ୫ ବର୍ଷ ଧରି ବିଭିନ୍ନ ପଦବୀରେ ନିଯୁକ୍ତ ଥିବା ଅଧ୍ୟାପକ ଅଧ୍ୟାପିକାଙ୍କୁ ଚାକିରୀରୁ ବାହାର କରାଯାଇ ଥିବା ପ୍ରତିବାଦ ରେ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଆମରଣ ଅନଶନ ଧାରଣା ଦିଆଯାଇଛି । ଧାରଣାକାରୀଙ୍କ ଦାବି ମୁତାବକ ୨୦୧୮ ମସିହାରେ ମହାବିଦ୍ୟାଳୟ ପକ୍ଷରୁ ଦିଆଯାଇ ଥିବା ବିଜ୍ଞାପନ ଆଧାରରେ ନିଯୁକ୍ତି ପାଇବା ପରେ ଏହି ଅଧ୍ୟାପକ ଅଧ୍ୟାପିକା ମାନେ କାର୍ଯ୍ୟ କରି ଆସୁଥିଲେ । ୨୦୨୧-୨୨ ମସିହାରେ ନବ ନିଯୁକ୍ତ କଲେଜର ଅଧକ୍ଷ ଏମାନଙ୍କୁ ଚାକିରୀରୁ ବାହାର କରିବା ସହିତ କଲେଜକୁ ନଆସିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଚାକିରୀରୁ ବାହାରିଥିବା ଅଧ୍ୟାପକ ଅଧ୍ୟାପିକା ମାନେ ଦୀର୍ଘ ୫ବର୍ଷ ହେଲା ପରିଚାଳନା ପରିଷଦର ସଭାପତି ତଥା ଉପ ଜିଲ୍ଲାପାଳଙ୍କୁ ଭେଟି କୌଣସି ଫଳ ନପାଇବାରୁ ମାନ୍ୟବର ବିଧାୟକ, ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ମଧ୍ୟ ଭେଟି ନ୍ୟାୟ ପାଇଁ ଦାବି କରିଥିଲେ । ବାରମ୍ବାର ଏହି ଅଧ୍ୟାପକ ଅଧ୍ୟାପିକା ମାନେ ଉଚ୍ଚ ପଦସ୍ଥ ଅଧିକାରୀ ମାନଙ୍କ ଦ୍ୱାରସ୍ଥ ହୋଇ ବିନା କାରଣରେ ତାଙ୍କୁ ଚାକିରୀରୁ ବାହାର କରିଥିବା ପ୍ରକାଶ କରିଥିଲେ ମଧ୍ୟ କୌଣସି ଫଳ ନମିଳିବାରୁ ଏମାନେ ଗୁରୁବାର ସକାଳୁ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଆମରଣ ଅନଶନରେ ବସି ରହିଛନ୍ତି । ଏହି ଅନଶନରେ ସୌଭାଗ୍ୟ ରଞ୍ଜନ ରାଉତ, ସରୋଜ କୁମାର ପ୍ରଧାନ, ରଞ୍ଜୁଲତା ଭୂୟାଁ, ସୌରଭଜିତ ବାରିକ, ଅନୁସୟା ରାଉତ, ପ୍ରବୀର କୁମାର ମଲିକ ପ୍ରମୁଖଙ୍କ ସମେତ ଚାକିରୀରୁ ବାହାରି ଥିବା ଅଧ୍ୟାପକ ଅଧ୍ୟାପିକା ଓ କିରାନୀ ଆମରଣ ଅନଶନରେ ବସି ରହିଛନ୍ତି । ତେବେ ସଂନ୍ଧ୍ୟା ସମୟରେ ପୂର୍ବତନ ବ୍ଲକ ଅଧକ୍ଷ ନିଶିକାନ୍ତ ପ୍ରଧାନଙ୍କ ଉଦ୍ୟମରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନିଲୁ ମହାପାତ୍ର ଧାରଣାକାରୀ ମାନଙ୍କ ସହ ସମସ୍ୟାର ସମାଧାନ ପାଇଁ ଆଲୋଚନା କରିଥିବା ଜଣାପଡିଛି । ବର୍ତ୍ତମାନ ଉପ ଜିଲ୍ଲାପାଳ ପଦବୀ ଖାଲି ଥିବାରୁ ନୂତନ ଉପ ଜିଲ୍ଲାପାଳ ନିଯୁକ୍ତ ହେବା ସପ୍ତାହକ ମଧ୍ୟରେ ଏହି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶୃତି ପାଇ ଅନଶନକାରୀ ଅଧ୍ୟାପକ ଅଧ୍ୟାପିକା ମାନେ ଧାରଣାରୁ ଉଠିଥିଲେ ।

# ଗ୍ୟାସ ସିଲିଣ୍ଡରରୁ ନିଆଁ ଲାଗି ଜଣକର ମୃତ୍ୟୁ: ବିତରକ କମ୍ପାନୀ ଆଗରେ ଶବ ରଖି କ୍ଷତି ପୁରଣ ଦାବିକଲେ ଗ୍ରାମବାସୀ

କୋରେଇ, ୦୫/୧୦ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ବଡ଼ବିରୁହାଁ ପଂଚାୟତର ପ୍ରଧାନ ସାହିରେ ଗତ ସୋମବାର ଦିନ କମଳାକାନ୍ତ ସ୍ୱାଇଁଙ୍କ ଘରେ ଗ୍ୟାସ ଟାଙ୍କି ଫାଟି ଘଟିଥିବା ଭୟଙ୍କର ଅଗ୍ନିକାଣ୍ଡରେ ପୋଡ଼ି ହୋଇ କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସିତ ହୋଇଥିବା ୬ ଜଣ ବ୍ୟକ୍ତିଙ୍କ ମଧ୍ୟରୁ କମଳାକାନ୍ତ ସ୍ୱାଇଁଙ୍କ ପତ୍ନୀ ମଧୁସ୍ମିତା (୩୫)ଙ୍କର ଗତ କାଲି ରାତି ୧.୩୦ ସମୟରେ ମୃତ୍ୟୁ ଘଟିଛି। ଉକ୍ତ ଖବର ପାଇବା ପରେ ବଡ଼ବିରୁହାଁ ପଂଚାୟତର ଗ୍ରାମବାସୀ ମାନେ ଗୋଲେଇପୁରସ୍ଥିତ ଉକ୍ତ ବିତରକ କାର୍ଯ୍ୟାଳୟ ନିକଟରେ ଆଗରେ ମୃତ ବ୍ୟକ୍ତିଙ୍କ ଶବ ରଖି କ୍ଷତିପୁରଣ ଦାବି କରିଛନ୍ତି। ସୁଚନାନୁସାରେ ଗତ ସୋମବାର ଦିନ ୧୧ଟା ସମୟରେ ସ୍ଥାନୀୟ ଗୋଲେଇପୁର ସ୍ଥିତ କଳକୀ ଇଣ୍ଡେନ ଡ଼ିପୋରୁ କମ୍ପାନୀର ଗାଡ଼ି ସିଲିଣ୍ଡର ଦେବାକୁ ଶ୍ରୀ ସ୍ୱାଇଁଙ୍କ ଘରକୁ ଆସିଥିଲା। ଉକ୍ତ ସିଲିଣ୍ଡରକୁ ରୋଷେଇ ଘରକୁ ନେଇ ତାର ସିଲ ଖୋଲିବା ବେଳକୁ ସେଥିରୁ ଗ୍ୟାସ ଲିକ ହୋଇ ଘର ସାରା ଖେଳିଯାଇଥିଲା। ଉକ୍ତ ସମୟରେ ଘରେ ଚୁଲୀରେ ରନ୍ଧନ କାର୍ଯ୍ୟ ଚାଲୁ ରହିଥିବାରୁ ଗ୍ୟାସର ସଂସ୍ପର୍ଶରେ ଆସି ଘରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ଉକ୍ତ ଅଗ୍ନିକାଣ୍ଡରେ ଘରର ସମସ୍ତ ଆସବାବ ପତ୍ର ପୋଡ଼ି ଯିବା ସହିତ ରୋଷେଇ ଘରେ ଥିବା କମଳାକାନ୍ତଙ୍କ ମାଆ ଆରତୀ (୬୯) ,ପତ୍ନୀ ମଧୁସ୍ମିତା (୩୫) ପୋଡ଼ି ହୋଇଯାଇଥିଲେ। ତାଙ୍କର ଚିତ୍କାର ଶୁଣି କମଳାକାନ୍ତଙ୍କ ସମେତ ପଡ଼ୋଶୀ ଶରତ ମହାପାତ୍ର(୫୬) ବିଦ୍ୟାଧର ସାହୁ (୩୮),ଦୟାନିଧି ପଣ୍ଡା(୪୦) ଉଭୟ ଶାଶୁ ଓ ବୋହୁଙ୍କୁ ବଂଚାଇବାକୁ ଯାଇ ନିଆଁରେ ପୋଡ଼ି ହୋଇ ଆହତ ହୋଇଥିଲେ। ଉକ୍ତ ସମୟରେ ବାହାରେ ଖେଳୁଥିବା ବିଦ୍ୟାଧରଙ୍କ ପୁଅ ପାର୍ଥ(୦୬) ଘର ଭିତରକୁ ଦୌଡ଼ି ଆସିବାରୁ ସେ ମଧ୍ୟ ନିଆଁରେ ପୋଡ଼ି ହୋଇ ଯାଇଥିଲା। ଖବର ପାଇ ଗ୍ରାମବାସୀ ମାନେ ସମସ୍ତ ଆହତ ମାନଙ୍କୁ ଉଦ୍ଧାର କରି ଯାଜପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ ମଧ୍ୟ ସେମାନଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ମଧୁସ୍ମିତାଙ୍କର ଶରୀରର ୮୦ ଶତକଡ଼ା ପୋଡ଼ି ହୋଇଯାଇଥିବାରୁ ତାଙ୍କର କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣା ପରେ ଗ୍ରାମବାସୀଙ୍କ ତରଫରୁ ବିତରକ କଳକୀ ଗ୍ୟାସକୁ ଖବର ଦିଆଯାଇଥିବା ପରେ ମଧ୍ୟ ବିତରକ କିମ୍ବା କମ୍ପାନୀର କର୍ମକର୍ତା କେହିବି ମଧ୍ୟ ଆହତ ମାନଙ୍କୁ ସମବେଦନା ଗଣାଇବା ପାଇଁ ମଧ୍ୟ ଯାଇନଥିଲେ। ତେବେ ମଧୁସ୍ମିତାଙ୍କର ଶବ ବ୍ୟବଚ୍ଛେଦ ହେବା ପରେ ଗ୍ରାମରେ ପହଂଚିବା ପରେ ଶତାଧିକ ଗ୍ରାମବାସୀ କଳକୀ ଗ୍ୟାସ ସମ୍ମୁଖରେ ଅପରାହ୍ନ ଦୁଇଟାରୁ ଶବ ରଖି କ୍ଷତିପୁରଣ ଦେବା ଲାଗି ଅଡ଼ି ବସିଥିଲେ। କୋରଶଇ ବିଧାୟକ ଅଶୋକ କୁମାର ବଳ,ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ବ୍ଲକ କଂଗ୍ରେସ ସଭାପତି ଅକ୍ଷୟ କୁମାର ଜେନା,ବଡ଼ବିରୁହାଁ ପୁର୍ବତନ ସମିତି ସଭ୍ୟ ପ୍ରମୋଦ କୁମାର ସାହୁ,ଗ୍ରାମବାସୀ ବିଜୟ ମହାପାତ୍ର,ସୁଶାନ୍ତ ମହାପାତ୍ର, ଶୁଭଙ୍କର ଆଶୁତୋଷ ମହାପାତ୍ର ପ୍ରମୁଖ ଦାବି କରିଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ଲାଗି ମାଜିଷ୍ଟ୍ରେଟ ଭାବେ ବ୍ୟାସନଗର ତହସିଲଦାର ଅଶୋକ ମାଝୀ, ଯାଜପୁର ରୋଡ଼ ଏସଡ଼ିପିଓ ସଂଜୟ ପଟ୍ଟନାୟକ,ଯାଜପୁର ରୋଡ଼ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନଙ୍କ ସମେତ ପାଣିକୋଇଲି ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ। ଶେଷରେ ରେଡକ୍ରସରୁ ୧୦ ହଜାର ଓ କ୍ଷତିପୂରଣ ବାବଦରେ ୩ ଲକ୍ଷଟଙ୍କା ଦେବା ସ୍ଥିର ହେବା ପରେ ଆନ୍ଦୋଳନ ପ୍ରତାହୃତ ହୋଇଥିଲା । ମରଶରୀରକୁ ନିଆଯାଇ ଶେଷକୃତ ସମ୍ପନ୍ନ କରାଯାଇଥିଲା ।

# ସେବା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ଉଦଳା , ୦୬/୧୦ (ନି.ପ୍ର): ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ ଓ ଅଟୋ ମାଲିକ ସଂଘ ଉଦଳାଙ୍କ ମିଳିତ ଉଦ୍ୟମରେ ପ୍ରତିବର୍ଷ ପରି ଚଳିତ ବର୍ଷ ଉତ୍କଳମଣି ଗୋପବନ୍ଧୁଙ୍କ ଜୟନ୍ତି (ସେବା ଦିବସ) ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ସେବା ଟ୍ରଷ୍ଟର ସଭାପତି ତଥା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଉକ୍ତ ବୈଠକରେ ଅଧକ୍ଷତା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଟୋ ମାଲିକ ସଂଘର ସଭାପତି ଲକ୍ଷ୍ମଣ ମହାପାତ୍ର, ସେବା ଟ୍ରଷ୍ଟର ସଂପାଦକ ତଥା ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା, ସଦସ୍ୟ ସୁବ୍ରତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଚଳିତ ବର୍ଷ ସେବା ଦିବସ ଅକ୍ଟୋବର ୮ ତାରିଖ ରବିବାର ଓ ୯ ତାରିଖ ସୋମବାର ୨ ଦିନ ଧରି ପାଳିତ ହେବାର ନିଷ୍ପତି ନିଆଯାଇଛି । ୮ ତାରିଖ ରବିବାର ଦିନ ଉଦଳା ଡ଼ାକ୍ତରଖାନା ପରିସରରେ ଥିବା ରକ୍ତ ଭଣ୍ଡାରରେ ରକ୍ତଦାନ ଶିବିର ଅନୁଷ୍ଠିତ ହେବ । ୯ ତାରିଖ ଦିନ ପ୍ରଭାତରେ ବସଷ୍ଟାଣ୍ଡ ନିକଟରେ ପ୍ରତିଷ୍ଠା କରାଯାଇଥିବା ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ଅପରାହ୍ନରେ ସ୍ଥାନୀୟ ସଂଧାନ ଗୃହ ପରିସରରେ ଆଲୋଚନାଚକ୍ର ଓ କବିତା ପାଠୋତ୍ସବର ପର୍ବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗ ଦେଇ ଏହାକୁ ସଫଳ କରିବା ପାଇଁ ସେବା ଟ୍ରଷ୍ଟ ତରଫରୁ ଅନୁରୋଧ କରାଯାଇଛି ।

# ରାତିରେ ଶାଳଗଛ କାଟି ଚୋରା ଚାଲାଣ ଉଦ୍ୟମ

## ଜଣେ ଅଭିଯୁକ୍ତକୁ କାବୁ କଲେ ଗ୍ରାମବାସୀ, ଫେରାର ଅଭିଯୁକ୍ତଙ୍କୁ ଗିରଫ ଦାବି



ବସ୍ତା, ୦୬/୧୦ (ନି.ପ୍ର): ବସ୍ତା ବ୍ଲକ ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଲଛମନଖୁଣ୍ଟା ଅଞ୍ଚଳରେ ଦୀର୍ଘ ଦିନ ଧରି କାଠ ମାଫିଆମାନେ ଉତ୍ପାତ କରୁଛନ୍ତି । ଏଠାରେ ବେଆଇନ ଭାବେ ଏକ କରତକଳ ରାତି ଦିନ ଚାଲୁଥିଲେହେଁ ବନବିଭାଗ ଓ ପୋଲିସ ନୀରବଦ୍ରଷ୍ଟା ସାଜିବା ସମସ୍ତଙ୍କୁ ଚକିତ କରିଛି । ଗୁରୁବାର ରାତିରେ ୮/୧୦ ଜଣ କାଠ ମାଫିଆ ଓ ଗଛ କଟାଳି ସ୍ଥାନୀୟ ଶାଳ ଜଙ୍ଗଲରୁ ଏକ ବୃହତ ଶାଳଗଛ କାଟି ଚାଲାଣ କରିବାକୁ ଉଦ୍ୟମ କରୁଥିଲେ । ଗାଁର ମହିଳାଓ ପୁରୁଷମାନେ ଏହା ଜାଣି ପାରି ସେଠାରେ ପହଞ୍ଚି ଦୁଇ ଜଣ ଯୁବକଙ୍କୁ କାବୁ କରିଥିଲେ । ଅନ୍ୟମାନେ ବାଇକ ଓ ପିକ ଅପ ନେଇ ଭୟରେ ପଳେଇଥିଲେ । ସେହି ଦୁଇ ଜଣ ଯୁବକ ହେଲେ ଲଛମନଖୁଣ୍ଟା ଗ୍ରାମର ମୀର କାସିମ ଅଲ୍ଲୀଙ୍କ ପୁଅ ମୀର ଅଲିମ ଅଲ୍ଲୀ ଓ ରାଉତପଡା ପଞ୍ଚାୟତ କାନ୍ଥି ବସ୍ତିର ମୁସ୍ତଫା ବେଗଙ୍କ ପୁଅ ତାଜୁ ଓରଫ ଆଲ୍ଲାରେଖା ବେଗ । ମାଫିଆଙ୍କ ସର୍ଦ୍ଦାର କୁହାଯାଉଥିବା ମୀର ଅଲିମ ଅଲ୍ଲୀ କୌଶଳକ୍ରମେ ସେଠାରୁ ଦୌଡ଼ି ପଳାଇଥିଲେ । ଖବର ପାଇ ଶୁକ୍ରବାର ବନବିଭାଗର ଏକ ଟିମ ଓ ରୂପସା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ । କଟାଯାଇଥିବା ମୂଲ୍ୟବାନ ଶାଳଗଛର ୪ ଟି କାଠ ଗଣ୍ଡି କୁ ଜବଦ କରିବା ସହ ଅଭିଯୁକ୍ତ ତାଜୁ କୁ ଗିରଫ କରିଥିଲେ । କାଠ ମାଫିଆ ମାନେ ଅନ୍ୟ ଦୁଇଟି ଶାଳ ଗଛକୁ କାଟିବା ପାଇଁ ଗଛ ମୂଳକୁ ଅଧା ହଣା କରି ରଖିଥିବା ଦେଖିବାକୁ ମିଳିଛି । ଏ ନେଇ ବନ ବିଭାଗ ପକ୍ଷରୁ ଏକ ମାମଲା ନଂ ୪୩/୨୦୨୩ ରୁଜୁ ହୋଇ ତଦନ୍ତ ଜାରି ରହିଛି । ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ ହାଜତକୁ ପଠାଯାଇଛି । ଜବଦ କାଠର ମୂଲ୍ୟ ଆନୁମାନିକ ୫୦ ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଅପରପକ୍ଷରେ ଲଛମନଖୁଣ୍ଟା ଠାରେ ବେଧଡ଼କ ଭାବେ ଚାଲୁଥିବା ଏକ ବେଆଇନ କରତକଳର ମାଲିକ ଶୁକ୍ରବାର ସମସ୍ତ ଯନ୍ତ୍ରାଂଶ ଖୋଲି ଲୁଚାଇ ଦେଇଥିବା ଦେଖିବାକୁ ମିଳିଛି । ଅନ୍ୟ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ବିକ୍ଷୋଭ: ମୋଦିଙ୍କ କୁଶପୁତଳିକା ଦାହ

ଭୁବନେଶ୍ୱର, ୦୬/୧୦ (ନି.ପ୍ର): ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସଭାପତି ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ମୋଦୀ ସରକାରଙ୍କ ଘୃଣା ଓ ହିଂସା ରାଜନୀତି ପ୍ରତିବାଦରେ ବିକ୍ଷୋଭ କରାଯାଇଥିଲା। ରାହୁଲ ଗାନ୍ଧୀଙ୍କର ଛବିକୁ ମଳୀନ କରିବା ପାଇଁ ସାମାଜିକ ଗଣମାଧ୍ୟମରେ ଯେଉଁ ହୀନ ଉଦ୍ୟମ କରାଯାଇଛି ତାହାକୁ ଭୁବନଶ୍ୱେର ଜିଲ୍ଲା କଂଗ୍ରେସ ଦୃଢ଼ ନିନ୍ଦା କରିଛନ୍ତି। ରାହୁଲ ଗାନ୍ଧୀଙ୍କୁ ରାବଣ ରୂପେ ଚିତ୍ରଣ କରିବା ଘୃଣା, ହିଂସା ଓ ଇର୍ଷା ରାଜନୀତିର ଉଦାହରଣ ବୋଲି ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ଦାସ କହିଛନ୍ତି। ଭାରତକୁ ଯୋଡ଼ିବା ପାଇଁ, ଭାରତର ବିଭିନ୍ନ ଧର୍ମ, ବର୍ଣ୍ଣ, ଭାଷା, ଜାତି ଓ ଅଂଚଳର ଲୋକଙ୍କୁ ଭାରତୀୟତାର ସଂପର୍କରେ ଯୋଡ଼ି ରଖିବା ପାଇଁ ରାହୁଲ ଗାନ୍ଧୀ ଯେଉଁ ଭାରତ ଯୋଡ଼ କରିଥିଲେ ତାହା ଐତିହାସିକ ଓ ଭାରତର ଏକତା ଓ ଅଖଣ୍ଡତା ପାଇଁ ଅଭିପ୍ରେତ। ରାହୁଲ ଗାନ୍ଧୀଙ୍କର ଜନପ୍ରିୟତା ଏବଂ ସାଧାରଣ ଲୋକ ରାହୁଲ ଗାନ୍ଧୀଙ୍କୁ ଦେଉଥିବା ସ୍ନେହ, ଶ୍ରଦ୍ଧା ଓ ପ୍ରେମ ଉପରେ ଇର୍ଷାନ୍ୱିତ ହୋଇ ବିଜେପି ଦଳ ପକ୍ଷରୁ ଏଭଳି ହୀନ ଉଦ୍ୟମ କରିଛନ୍ତି ବୋଲି ଶ୍ରୀ ଦାସ କହିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଦଳ ସୁଯୋଗ ଦେଲେ....

ଧର୍ମେନ୍ଦ୍ର ଯେତେ ଲଢ଼ିଲେ ବି ଆଉ ଜିତିବେ ନାହିଁ । ନିର୍ବାଚନ ଯିଏବି ଲଢ଼ୁ, ବିଜେଡି ହିଁ ଏଠାରେ ଜିତିବ । ରାଜନୀତିକ ଲଢ଼େଇ ପାଇଁ ୧୦୦% ପ୍ରସ୍ତୁତ ଅଛୁ । ସୁପ୍ରିମୋ ଯାହାକୁ ଟିକେଟ୍ ଦେବେ ସେ ନିର୍ବାଚନ ଲଢ଼ିବ । ଦଳ ସେଥିରେ କ୍ଷମତିଗ୍ରସ୍ତ ହେବ ନାହିଁ । ତାଙ୍କୁ ଟିକେଟ୍ ନମିଳିଲେ ବି ସେ ଦଳରେ ରହିବେ ବୋଲି ଶ୍ରୀ ସାହୁ ସ୍ପଷ୍ଟ କରିଛନ୍ତି ।

## ବିଜେପିର ରାବଣ...

ଫଟୋ ପୋଷ୍ଟ କରାଯାଇଛି। ଏଥିରେ ମୋଦିଙ୍କୁ ଶିଳ୍ପପତି ଗୌତମ ଆଦାନୀଙ୍କ କଣ୍ଢେଇ ଭାବେ ଚିତ୍ରଣ କରାଯାଇଛି। କଂଗ୍ରେସ ବାରମ୍ବାର ଆଦାନି ପ୍ରସଙ୍ଗରେ ବିଜେପି ଓ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଟାର୍ଗେଟ କରିବାର ନଜିର ରହିଛି। ଏବେ ଦଳ ପୋଷ୍ଟର ଜାରି କରି ନିଜର ଆକ୍ରମଣକୁ ଶାଣିତ କରିଛି। କଂଗ୍ରେସ ଜାରି କରିଥିବା ପୋଷ୍ଟରେ ପ୍ରଧାନମନ୍ତ୍ରୀ ମୋଦି ଯୋଗମୁଦ୍ରାରେ ଥିବା ବେଳେ ଏହାର ଶୀର୍ଷକ ଆଦାନି ରଖାଯାଇଛି। କଣ୍ଢେଇକୁ ନଚାଇଲା ଭଳି ମୋଦିଙ୍କ ହାତରୁ ଏକାଧିକ ତାର ବାହାରିଥିବା ଫଟୋରେ ଦେଖିବାକୁ ମିଳୁଛି। ବୁଧବାର କଂଗ୍ରେସ ସୋଶାଲ ମିଡିଆ ଆକାଉଣ୍ଟ ଏକ୍ସରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ମଧ୍ୟ ଟାର୍ଗେଟ କରିଥିଲା। ପ୍ରଥମେ ଦଳ ପକ୍ଷରୁ ମୋଦିଙ୍କ ଗୋଟିଏ ଫଟୋ ଜାରି କରାଯାଇ କୁହାଯାଇଥିଲା ଯେ ସବୁଠାରୁ ବଡ଼ ମିଛୁଆ। ଏହାପରେ ଫିଲ୍ମ ଷ୍ଟାଇଲରେ ମୋଦିଙ୍କ ସହ ଅମିତ ଶାହଙ୍କ ଗୋଟିଏ ଫଟୋ ପୋଷ୍ଟ କରାଯାଇଥିଲା। ଏହାର ଟାଇଟଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ଜୁମଲା ବାଳକ ବା ପିଏ ମୋଦି ଆଜ ଜୁମଲା ବୟ ରଖାଯାଇଥିଲା। ଗୁରୁବାର ଫିଲ୍ମ ପୋଷ୍ଟର ଭଳି ଦିଶୁଥିବା ରାହୁଲଙ୍କ ଏଡିଟେଡ ଫଟୋ ପୋଷ୍ଟ କରି ବିଜେପି ଏହା ଉପରେ ଲେଖିଥିଲା ଯେ ଯେ "ରାବଣ: ଏ କଂଗ୍ରେସ ପାର୍ଟି ପ୍ରଡକ୍ସନ। ଏହାର ନିର୍ଦ୍ଦେଶକ ଜର୍ଜ ସୋରୋସ।" ସୋରୋସ ହେଉଛନ୍ତି ହଙ୍ଗେରୀ-ଆମେରିକାନ ବ୍ୟବସାୟୀ। ସେ ବିଶ୍ୱର ବିଭିନ୍ନ ସଂସ୍ଥାକୁ ଚାନ୍ଦା ଦିଅନ୍ତି ଓ ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରନ୍ତି ବୋଲି ବିଜେପି ସର୍ବାଦା ଅଭିଯୋଗ କରି ଆସୁଛି। ତେଣୁ ରାହୁଲଙ୍କ ସହ ବିଜେପି ସୋରୋସଙ୍କୁ ମଧ୍ୟ ଟାର୍ଗେଟ କରିଛି। ବିଜେପି ଆହୁରି କହିଛି, "ଏଠାରେ ଅଛନ୍ତି ନୂଆ ଯୁଗର ରାବଣ। ସେ ରାକ୍ଷାସ। ଧର୍ମ ବିରୋଧୀ। ରାମ ବିରୋଧୀ। ଭାରତକୁ ଧ୍ୱଂସ କରିବା ତାଙ୍କର ଲକ୍ଷ୍ୟ।"

## ପିଛା ଛାଡୁନି ଇଡି: ସଞ୍ଜୟ ସିଂଙ୍କ....

ସଞ୍ଜୟ ସିଂଙ୍କ ଆନ୍ଦୋଳନ ସମୟରେ ସର୍ବେଶ ସିଂ ଜଣେ ସହଯୋଗୀ ଭାବେ କାମ କରୁଥିଲେ। ଏପରିକି ସେ ଆପ୍‌ର ପ୍ରବକ୍ତା ଭାବେ ବି କାମ କରୁଥିଲେ। ସେ ସୋଶାଲ ମିଡିଆରେ ଖୁବ୍ ଆକ୍ଟିଭ ରହୁଥିବା ବେଳେ ସଞ୍ଜୟ ସିଂଙ୍କ ସବୁ ପୋଷ୍ଟକୁ ଶେଆର କରୁଥିଲେ। ସେହିପରି ବିବେକ ତ୍ୟାଗୀ ପ୍ରାରମ୍ଭରୁ ଆପ୍ ଏମପି ସଞ୍ଜୟ ସିଂଙ୍କ ଟିମ୍‌ର ଜଣେ ପୁରୁଖା ସଦସ୍ୟ ଥିଲେ । ସଞ୍ଜୟ ସିଂ ଆପ୍‌ର ଉତ୍ତରପ୍ରଦେଶ ପ୍ରଭାରୀ ଥିବା ବେଳେ ବିବେକ ତ୍ୟାଗୀ ହାପୁଡ ଜିଲ୍ଲା ପ୍ରଭାରୀ ଭାବେ କାମ କରୁଥିଲେ। ଦିଲ୍ଲୀ ସରକାର୨୦୨୧- ୨୨ ମସିହାରେ ନୂଆ ମଦ ଆଇନ୍ ଲାଗୁ କରିଥିଲେ। ମାତ୍ର ଉକ୍ତ ନୀତିରେ ଘୋଟାଲା ହୋଇଥିବା ଅଭିଯୋଗ ହୋଇଥିଲ। ଏଡାପରେ ଏହି ମାମଲା ଇଡି ହାତକୁ ଚାଲି ଯାଇଥିବା ବେଳେ ଇଡି ପ୍ରଥମେ ଦିଲ୍ଲୀର ତ୍କାଳୀନ ଉପମୁଖ୍ୟମନ୍ତ୍ରୀ ତଥା ଅବକାରୀ ମନ୍ତ୍ରୀଙ୍କୁ ବାନ୍ଧିଥିଲା। ଗତ ଫେବୃୟାରୀରୁ ସେ ଜେଲ୍‌ରେ ଥିବା ବେଳେ ଏବେ ସଞ୍ଜୟ ସିଂଙ୍କୁ ବାନ୍ଧିଛି ଇଡି ।

## ଆସନ୍ତା ୨-୩ ....

କେନ୍ଦୁଝର, ଭଦ୍ରକ ଓ କେନ୍ଦ୍ରାପଡ଼ାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ବାଲେଶ୍ୱର ଓ ମୟୂରଭଞ୍ଜରେ ଅଧିକ ବର୍ଷା ହେବ ବୋଲି ବରିଷ୍ଠ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ ପୂର୍ବାନୁମାନ କରିଛନ୍ତି । ଆସନ୍ତା ୧୧ରୁ ୧୪ ତାରିଖ ଯାଏ ଉପକୂଳ ଓ ସଂଲଗ୍ନ ଜିଲ୍ଲାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । କିନ୍ତୁ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ପାଗ ଶୁଖିଲା ରହିବ । ସେହିପରି ୯ ତାରିଖ ଯାଏ ଉତ୍ତର ଓଡ଼ିଶାର କିଛି ସ୍ଥାନରେ ବର୍ଷା ହୋଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି ।

## କୋର୍ଟରେ ହାଜର....

ଏଥିରୁ ସ୍ପଷ୍ଟ ହେଉଛି ପୁଲିସ ତଦନ୍ତ ବେଳେ ଓ ଚାର୍ଜଶିଟ୍ ଦାଖଲ ବେଳେ ଯେଉଁ ସବୁ ଦିଗଗୁଡ଼ିକୁ ଅଣଦେଖା କରିଥିଲା, ସେଗୁଡ଼ିକୁ ଅଭିଯୋଗକାରୀ ଓ ସାକ୍ଷୀମାନେ ସାମ୍ନାକୁ ଆଣିଥିଲେ। ଆଉ ସେନେଇ ସେମାନେ ବଳିଷ୍ଠ ତଥ୍ୟ ଓ ପ୍ରମାଣ ମଧ୍ୟ ଉପସ୍ଥାପନ କରିଥିଲେ। ଫଳରେ ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟ ମଧ୍ୟ ସେମାନଙ୍କ ଯୁକ୍ତିକୁ ଗ୍ରହଣ କରିଥିଲେ। ୨୦୨୧ ଜାନୁଆରୀ ୨ ତାରିଖ ସନ୍ଧ୍ୟାରେ ମାହାଙ୍ଗାର ବରିଷ୍ଠ ବିଜେପି ନେତା କୁଳମଣି ବରାଳ (୭୫) ଓ ତାଙ୍କ ସଂପର୍କୀୟ ଦିବ୍ୟ ସିଂହ ବରାଳ (୮୨)ଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଏହି ମାମଲାରେ ୧୩ ଜଣଙ୍କ ନାଁରେ ଥାନାରେ ଅଭିଯୋଗ ହୋଇଥିଲା । ବିଧାୟକ ପ୍ରତାପ ଜେନାଙ୍କ ବିରୋଧରେ ମଧ୍ୟ ହୋଇଥିଲା ମାମଲା । ତେବେ ପୁଲିସ ଚାର୍ଜସିଟ୍ ଦାଖଲ ବେଳେ ମନ୍ତ୍ରୀଙ୍କ ନାଁକୁ କାଟି ଦେଇଥିଲେ।

## ଆଜି ଜନ୍ମମାଟିରେ....

ହୋଇଥିବା କଥା ଗତକାଲି ଅପରାହ୍ନ ୨ଟା ବେଳେ ତାଙ୍କ ପରିବାରକୁ ସେନା ପକ୍ଷରୁ ଖବର ଦିଆଯାଇଥିଲା। ସରୋଜ ୨୦୧୨ରେ ସେନାରେ ଯୋଗ ଦେଇଥିଲେ। ହାବିଲଦାର ଭାବେ ସିକିମରେ ଟ୍ରେନିଂରେ ଥିଲେ ସରୋଜ। କ୍ୟାମ୍ପକୁ ଫେରୁଥିବା ବେଳେ ବନ୍ୟାରେ ଭାସିଯାଇଥିଲେ ସରୋଜ ଏବଂ ସାଥି ସେନା ଯବାନ। ଶେଷଥର ପାଇଁ ଗତ ମାସେ ତଳେ ରାକ୍ଷୀ ପୂର୍ଣ୍ଣିମାକୁ ରାକ୍ଷୀ ବାନ୍ଧିବାକୁ ଆସିଥିଲେ ସରୋଜ। ଭଉଣୀ ହାତରେ ରାକ୍ଷୀ ବାନ୍ଧି ସେପ୍ଟେମ୍ବର ମାସ ୪ତାରିଖ ଦିନ ଘରୁ ଫେରିଯାଇ ସିକିମରେ ସେନାରେ ଯୋଗ ଦେଇଥିଲେ। ସରୋଜ ୭ ମାସ ତଳେ ବିବାହ କରିଥିଲେ। ହେଲେ ସେ ସହିଦ ହୋଇଥିବା ଥିବା ଖବର ପାଇବା ପରେ ଘରେ ଶୋକର ଛାୟା ଖେଳିଯାଇଛି। ସୂଚନାଯୋଗ୍ୟ, ମଙ୍ଗଳବାର ବିଳମ୍ବିତ ରାତିରେ ବାଦଲଫଟା ବର୍ଷା ଯୋଗୁଁ ସିକିମରେ ପ୍ରଳୟଙ୍କରୀ ବନ୍ୟା ଆସିଥିଲା। ସିଙ୍ଗତାମ ନିକଟରେ ଉଦ୍ଧାରକାର୍ଯ୍ୟ ବେଳେ ତିସ୍ତା ନଦୀ ନିକଟରେ ଥିବା ବହୁ ସେନା ଗାଡ଼ି ଭାସିଯାଇଥିଲା।

## ଆପାର୍ଟମେଣ୍ଟରେ ଲାଗିଲା ....

ହୋଇ ଜଳିଥିଲା। ଏହାପରେ ନିଆଁ କ୍ରମଶଃ ଉପରକୁ ବ୍ୟାପିଥିଲା। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ବହୁ ପରିଶ୍ରମ ପରେ ସେମାନେ ନିଆଁକୁ କାବୁ କରିଥିବା ବେଳେ ଏହାପରେ ଭିତରେ ପଶି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଆପାର୍ଟମେଣ୍ଟର ବିଭିନ୍ନ ମହଲାରୁ ୭ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ସେମାନେ ଜୀବନ୍ତ ଦଗ୍ଧ ହୋଇ ପଡ଼ିଥିବା ଜଣାଯାଇଛି। ଏଥିସହ ଗୁରୁତର ଅବସ୍ଥାରେ ୪୦ରୁ ଉର୍ଦ୍ଧ୍ୱ ଜଣଙ୍କୁ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ କ'ଣ ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ଅଗ୍ନିଶମ ଅଧିକାରୀ ସୂଚନା ଦେଇଛନ୍ତି। ଭୋରୁ ଭୋରୁ ଏହି ଅଗ୍ନିକାଣ୍ଡ ଘଟିଥିବାରୁ ଉକ୍ତ ସମୟରେ ଲୋକେ ଶୋଇ ପଡ଼ିଥିବାରୁ ବାହାରକୁ ବାହାରି ପାରି ନ ଥିବା ଆଲୋଚନା ହେଉଛି।

# ବାଲିଆପାଳ ମସଜିଦରେ ଜଲସା କାର୍ଯ୍ୟକ୍ରମ ଅନୁଷ୍ଠିତ

ଲଙ୍ଗଳେଶ୍ୱର ୬/୧୦ (ନିପ୍ର) ପବିତ୍ର ମହମ୍ମଦ ଜୟନ୍ତୀ ଅବସରରେ ବାଲିଆପାଳ ମସଜିଦରେ ସଂଖ୍ୟା ଲଘୁ ସମ୍ପ୍ରଦାୟ ପକ୍ଷରୁ ଗୁରୁବାର ଜଲସା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି।ଜଲସା ପାଇଁ ପ୍ରାତଃ ରୁ ରକତମସଜିଦ ରେ ସମୂହ ନମାଜ ପାଠ , ରଙ୍ଗ ବେରଙ୍ଗ ସାଜ ସଜ୍ଜା ,ସାଦୃଶ୍ୟ ତୋରଣ , ପୀର ବାବାଙ୍କ ଆସ୍ଥାନ ରେ ଚାଦର ଚଢା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସନ୍ଧ୍ୟାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହିଳା ବିଜୁ ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ଯୋଗଦେଇ ମୁସଲମାନ ଭାଇ ଭଉଣୀମାନଙ୍କୁ ପବିତ୍ର 'ଇଦ୍-ମିଲାଦ୍-ଉନ୍-ନବି' ପର୍ବ ର ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେଡି ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସ ,ବାଲିଆପାଳ ଗ୍ରାମ ପଞ୍ଚାୟତର ସମିତି ସଦସ୍ୟା ଝୁନା ରାଣୀ ପାତ୍ର,ଜିଲ୍ଲା ପରିଷଦ ନିଶାକର ସେଠୀ,ଯୁବନେତା ସରୋଜ ଦାସ,ସୁବୋଧ ପାତ୍ର, ରତିକାନ୍ତ ପାତ୍ର,ବସ୍ତା ବ୍ଲକ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ଦିଲ୍ଲୀପ ଦଳାଇ, ଜ୍ୟୋତି ପ୍ରକାଶ ଭୂୟାଁ, ପରେଶ ଭୋଳ ପ୍ରମୁଖ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ। ବାଲିଆପାଳ ବସ୍ତିର ଇନ ତାଜ ଶାହା ,ଏସ୍ କେ ଅନୱାର ,ଏସ୍ କେ ମସି ରୁଦ୍ଦିନ ,ସେକ ଦାଦୁ ପ୍ରମୁଖ ବହୁ ବ୍ୟକ୍ତି ଏଥିରେ ସହଯୋଗ କରିଥିଲେ ।



# ଅନ୍ୟାନ୍ୟ ପଛୁଆ ବର୍ଗ ମଞ୍ଚର ବୈଠକ



ବାରିପଦା , ୦୬/୧୦ (ନି.ପ୍ର): ସ୍ଥାନୀୟ ଦାରଗାଡାହିଠାରେ ସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ରେ ଅନ୍ୟାନ୍ୟ ପଛୁଆବର୍ଗ ମଞ୍ଚର ବରିଷ୍ଠ ସଦସ୍ୟମାନଙ୍କୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମଞ୍ଚର ଜିଲ୍ଲା ସଭାପତି ଆଡଭୋକେଟ ଅବନୀ ମହାନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାମ୍ପ୍ରତିକ ଅବସ୍ଥାରେ ଓଡିଶାର ଓବିସି ସମାଜ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡିକ ଉପରେ ବ୍ୟାପକ ଆଲୋଚନା କରାଯାଇ ଓଡ଼ିଶାରେ ବିହାର ତୁଲ୍ୟ ଜାତିଭିତ୍ତିକ ଜନଗଣନା ପାଇଁ ଦାବୀ କରାଯାଇଛି । ରାଜ୍ୟ ସରକାର ପୂର୍ବରୁ ଜାତିଭିତ୍ତିକ ଜନଗଣନା କରିବା ପାଇଁ ଦାବୀ କରୁଥିଲେ ହେଁ ପରେ ଏସଇବିସି ସର୍ଭେ କରାଇଛନ୍ତି। ଯାହା ଠିକ ଢଙ୍ଗରେ ହୋଇନାହିଁ । ଏହି ବର୍ଗର ଅନେକ ଲୋକ ଏଥିରେ ସାମିଲ ହୋଇ ନାହାଁନ୍ତି । ବିହାର ତୁଲ୍ୟ ଘରକୁ ଘର ଯାଇ ଜାତିଗତ ଗଣନା କରିବା ସହିତ ପ୍ରତ୍ୟେକ ଜାତିର ଆର୍ଥିକ ଓ ସାମାଜିକ ସ୍ଥିତି ଉପରେ ମଧ୍ୟ ଅନୁଧ୍ୟାନ କରିବା, ସର୍ଭେରେ ପ୍ରତ୍ୟେକ ଜାତିକୁ ଅନ୍ତର୍ଭୁକ୍ତ କରି ରାଜ୍ୟରେ ଅନଗ୍ରସର ବର୍ଗର ସଂଖ୍ୟା ଓ ଅବସ୍ଥା ସମ୍ବନ୍ଧରେ ସଠିକ ତଥ୍ୟ ସଂଗ୍ରହ କରାଯିବା, କେନ୍ଦ୍ର ସରକାର ୨୦୧୧ ମସିହାର ଜନଗଣନାରେ ସଂଗ୍ରହ କରିଥିବା ଜାତିଗତ ରିପୋର୍ଟକୁ ପ୍ରକାଶ କରିବା, ଓବିସିମାନଙ୍କୁ ରାଜ୍ୟରେ ସଂଖ୍ୟାନୁପାତିକ ସଂରକ୍ଷଣ ଦେବାକୁ ଦାବି କରାଯାଇଛି । ବୈଠକରେ ପଟ୍ଟାବିହୀନ ସଂଘର ସଭାପତି ନନ୍ଦ କୁମାର ମହାପାତ୍ର, ବରିଷ୍ଠ ସଦସ୍ୟ ଅଧ୍ୟାପକ ଗୋପବନ୍ଧୁ, କୁଡୁମି-ମହାନ୍ତ ମହାସଭାର ମହାସଚିବ ଆଡଭୋକେଟ ବସନ୍ତ ମହାନ୍ତ, ଆଦିବାସୀ ଦଳିତ ମହାସଂଘର ସଭାପତି ରାକେଶ ସିଂ, କଂଗ୍ରେସ ରାଜ୍ୟ ଓବିସି ମେଡିଆ ସେଲର ସଂଯୋଜକ ସୁକୁମାର ରଞ୍ଜନ ପ୍ରଧାନ, ପରେଶ ଚନ୍ଦ୍ର ମହାନ୍ତ, ସଦଗୋପ ସମାଜର ଉପସଭାପତି ତିମିର କୁମାର ଘୋଷ, ଅନନ୍ତ ପ୍ରସାଦ ମହାନ୍ତ, ମାନସ ବାରିକ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଜ୍ୟୋତିରଂଜନଙ୍କ ସ୍ମୃତିରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର




ନୀଳଗିରି , ୦୬/୧୦ (ନି.ପ୍ର): ଚାହୁଁ ଚାହୁଁ ବିତିଗଲା ଛଅ ବର୍ଷ। ଯୁବମାନସରେ ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଥିଲେ ଉଦୀୟମାନ ଯୁବକ ଜ୍ୟୋତିରଂଜନ ଓରଫ ପପୁଲୁ। ସାଙ୍ଗ ସାଥିମାନଙ୍କ ମେଳରେ ହସଖୁସିରେ ଦିନ ବିତିଯାଉଥିବା ବେଳେ ହଠାତ୍ ଏକ ରାସ୍ତା ଦୁର୍ଘଟଣାରେ ମେଧାବୀ ଜ୍ୟୋତିକୁ ଦଇବ ତାଙ୍କ ପାଖକୁ ନେଇଗଲା। ତାଙ୍କ ସ୍ମୃତିରେ ବୁଧବାର ନୀଳଗିରି କଂଗ୍ରେସ ଭବନରେ ଯୁବ କଂଗ୍ରେସ ଆନୁକୁଲ୍ୟରେ ଏକ ବିଶାଳ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜ୍ୟୋତିରଂଜନଙ୍କ ପିତା କମଳାକାନ୍ତ ଜେନା ସକାଳ ୯ଘଟିକା ସମୟରେ ଫିତାକାଟି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଜିଲ୍ଲା ଯୁବକଂଗ୍ରେସ ସଭାପତି ରଞ୍ଜନ କୁମାର ଦାସଙ୍କ ଉପସ୍ଥିତିରେ ବହୁ ଯୁବକ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିବା ବେଳେ ମୋଟ ୬୦ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଉକ୍ତ ଶିବିରରେ ଜୟଦେବ ବେହେରା, ସୁଧାରଞ୍ଜନ ମହାପାତ୍ର, ନିଗମ ମହାପାତ୍ର, ସୁରେନ୍ଦ୍ର ନାୟକ, ଡମ୍ବରୁଧର ବେହେରା, କମଳ ଲୋଚନ ପଣ୍ଡା, ଆଦର୍ଶ ଗୌରବ ଦାସ, ଯଶୋବନ୍ତ ରାଉତ, ସତ୍ୟବ୍ରତ ମହାଳିକ, ସନୁ ଆଦି ବହୁ ଯୁବକ ସହଯୋଗ କରିଥିଲେ।

# ଏନଏସଡିର ନିର୍ଦ୍ଦେଶକ ଦାୟିତ୍ୱ ନେଲେ ଚିତ୍ତରଞ୍ଜନ ତ୍ରିପାଠୀ

ଭୁବନେଶ୍ୱର, ୦୬/୧୦ (ନି.ପ୍ର): ଦିଲ୍ଲୀ ନ୍ୟାସନାଲ ସ୍କୁଲ ଅଫ୍ ଡ୍ରାମା(ଏନଏସଡି)ର ନିର୍ଦ୍ଦେଶକ ହୋଇଛନ୍ତି ଓଡିଆ ପୁଅ ଚିତରଞ୍ଜନ ତ୍ରିପାଠୀ। ପ୍ରଥମ ଓଡ଼ିଆ ଭାବେ ସେ ଏହି ପଦବୀରେ ଅଳଙ୍କୃତ କରିଛନ୍ତି। ଚିତରଂଜନଙ୍କ ଘର ହେଉଛି ଭଦ୍ରକ ଜିଲ୍ଲା ଚାନ୍ଦବାଲିରେ। ସେ ଏକାଧାରରେ ଜଣେ ଅଭିନେତା, କାହାଣୀକାର, ଚିତ୍ରନାଟ୍ୟ ଲେଖକ, କଣ୍ଠଶିଳ୍ପୀ, ସଂଗୀତକାର, ନିର୍ଦ୍ଦେଶକ ଓ ପ୍ରଯୋଜକ। ସେ ବହୁଚର୍ଚ୍ଚିତ ଓଡ଼ିଆ ଚଳଚ୍ଚିତ୍ର 'ଧଉଳି ଏକ୍ସପ୍ରେସ' ଓ 'ମୁଖ୍ୟମନ୍ତ୍ରୀ'ର ନିର୍ଦ୍ଦେଶନା ଦେଇଥିଲେ। ଉଭୟ ଚଳଚ୍ଚିତ୍ରରେ ଅଭିନୟ ମଧ୍ୟ କରିଥିଲେ। 'ଧଉଳି ଏକ୍ସପ୍ରେସ' ପାଇଁ ତାଙ୍କୁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମିଳିଥିଲା। ଏହାଛଡ଼ା ସେ କେତେକ ହିନ୍ଦୀ ଚଳଚ୍ଚିତ୍ର, ଧାରାବାହିକ ଓ ୱେବ ସିରିଜରେ ମଧ୍ୟ ଅଭିନୟ କରି ଦର୍ଶକଙ୍କ ଦ୍ୱାରା ଆଦୃତ ହୋଇଥିଲେ।

# ଘାସମରା ଔଷଧ ପାରାକ୍ୱାଟ୍‌ର ବିକ୍ରୟ ଓ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଗଲା



ଖୋର୍ଦ୍ଧା, ୦୬/୧୦ (ନି.ପ୍ର): ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅପରାହ୍ନ ୪ଟା ସମୟରେ ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କାଟାରିଆ ଉପସ୍ଥିତ ଥିଲେ। ମୁଖ୍ୟ କୃଷି ଅଧିକାରୀ ସମସ୍ତ ଅତିଥିଙ୍କୁ ଅଭିବାଦନ ଦେବା ପରେ ପରେ ଜିଲ୍ଲାପାଳ ସମସ୍ତ ଙ୍କୁ ପାରାକ୍ୱାଟ ଏକ ମାରାତ୍ମକ କୀଟନାଶକ ଘାସମରା ବିଷାକ୍ତ ଔଷଧ। ଏହା ଗ୍ରାମାକ୍ସନ/ଫାୟାର ଷ୍ଟର୍ମ/ପାରାଜୋନ ନାମରେ ପରିଚିତ । ଏହାର ବ୍ୟବହାର ଜାଣତରେ/ ଅଜାଣତରେ ବହୁତ କ୍ଷତିକାରକ । ତେଣୁ ସବୁ ସ୍ତରରେ ଏହାର ବ୍ୟବହାର/ ବିକ୍ରି/ ପ୍ରୟୋଗ ନିଷେଧ ଜରୁରୀ ବୋଲି ଘୋଷଣା କରିଥିଲେ। ସମସ୍ତ ଗଣମାଧ୍ୟମଙ୍କ ସହାୟତା ଲୋଡ଼ିଥିଲେ। ସ୍କ୍ୱାଡ ଗଠନ କରାଯାଇ ଏହି ଜିଲ୍ଲାରେ କେତେ ଡିଲର ଏହାକୁ ରଖିଛନ୍ତି, ସଠିକ ତଥ୍ୟ ରଖି ସେମାନଙ୍କୁ ବ୍ୟବହାର/ ବିକ୍ରି/ ପ୍ରୟୋଗ ନକରିବାକୁ ତାଗିଦ କରିଥିଲେ । ଆଜି ପର୍ଯ୍ୟନ୍ତ ଏହାର ଆଣ୍ଟିଡଟ ବାହାରି ନଥିବାରୁ ଏହାର ପ୍ରଚାର ଏବଂ ପ୍ରସାର କରାଯିବାର ଆବଶ୍ୟକତା ରହିଛି।

ଶନିବାର, ଅକ୍ଟୋବର ୦୭, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ସିକିମ ବାଦଲଫଟା ବର୍ଷା ଓ ଫ୍ଲାସଫ୍ଲଡରେ ଫସି ରହିଛନ୍ତି ନୀଳଗିରିର ଯୁବ ଇଞ୍ଜିନିୟର ସତ୍ୟସୁନ୍ଦର: ଉଦ୍ଧାର ପାଇଁ ଆକୁଳ ନିବେଦନ

ନୀଳଗିରି, ୦୬/୧୦ (ନି.ପ୍ର): ଭାରତର ଉତ୍ତର ପୂର୍ବରାଜ୍ୟ ସିକିମରେ ତିସ୍ତା ନଦୀରେ ଭୟଙ୍କର ବନ୍ୟାରେ ନାମଥଙ୍ଗ ଇଲାକା ଝୁଲୁଙ୍ଗେ ବ୍ଲକ ଝୁଲୁଂଗେ ନିକଟରେ ଏକ ପ୍ଲାଷ୍ଟୋ ଓର୍କ କମ୍ପାନୀରେ ନୀଳଗିରି ଏନଏସି ଅଧୀନସ୍ଥ ୧୩ନଂ ୱାର୍ଡ ଗୋପୀନାଥପୁର ଗ୍ରାମର ଯୁବ ଇଞ୍ଜିନିୟର ସତ୍ୟସୁନ୍ଦର ବାରିକ ନାମକ ଯୁବକଙ୍କ ସହ ବିଭିନ୍ନ ରାଜ୍ୟର ଅନ୍ୟ ସାତଜଣ ଯୁବକ ଫସି ରହିଛନ୍ତି। ବାଦଲ ଫଟା ବର୍ଷା ଯୋଗୁଁ ଚୁଙ୍ଗଥାଙ୍ଗ ଡ୍ୟାମରୁ ଜଳ ଛାଡ଼ିବା ହେତୁ ହଠାତ୍ ଜଳସ୍ଥର ୧୫-୨୦ଫୁଟ ଉଚ୍ଚକୁ ଜଳସ୍ତର ବୃଦ୍ଧି ପାଇଥିଲା। ଫଳରେ ଉକ୍ତ ଇଲାକାରେ ରହିଥିବା ଭାରତୀୟ ସେନାର ବହୁଗାଡ଼ି ସହିତ ୨୩ଜଣ ଯବାନ ଭାସି ଯାଇଥିଲେ। ମାତ୍ର ୧୫୦ମିଟର ଦୂରରେ ରହିଥିବା ଉକ୍ତ ପ୍ଲାଷ୍ଟ ୱର୍କ କମ୍ପାନୀରେ କାର୍ଯ୍ୟରତ ସତ୍ୟସୁନ୍ଦର ଏବଂ ତାଙ୍କ ସହଯୋଗୀଙ୍କ ଜୀବନ ବିପନ୍ନ ରେ ଥିବା ସୂଚନା ମିଳିଛି। ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡ଼ିଥିବା ବେଳେ ଭୋକ ଉପାସରେ ରହିଥିବା ସତ୍ୟସୁନ୍ଦର ଘରକୁ ଖବର ଦେଇଛନ୍ତି। ଏନେଇ ପରିବାର ଲୋକେ ଗଭୀର ମନସ୍ତାପ ମଧ୍ୟରେ ରହି ଭଗବାନଙ୍କ ଠାରେ ପୂଜାର୍ଚ୍ଚନା କରିଛନ୍ତି। ସତ୍ୟସୁନ୍ଦର ରାଜ୍ୟ ସରକାର ଓ ବାଲେଶ୍ୱର ଜିଲ୍ଲାପାଳଙ୍କ ଠାରେ ଗୁହାରୀ କରିଥିବା ସ୍ଥଳେ ତାଙ୍କ ମାମୁଁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଯୋଗାଯୋଗ କରି ତାଙ୍କ ଭଣଜାଙ୍କ ସମେତ ଅନ୍ୟ ସହଯୋଗୀଙ୍କୁ ଉଦ୍ଧାର ପାଇଁ ଆକୁଳ ନିବେଦନ କରିଛନ୍ତି। ତେବେ ଶ୍ରୀ ଷଡ଼ଙ୍ଗୀ ଖୁବ୍ ଶୀଘ୍ର ସେମାନଙ୍କୁ ଉଦ୍ଧାର କରାଯିବାର ପ୍ରତିଶ୍ରୁତି ଦେଇଥିବା ପରିବାର ଲୋକେ ସୂଚନା ଦେଇଛନ୍ତି।



## ପହଞ୍ଚିଲା ସାଇବର ସୁରକ୍ଷା ରଥ



ଜଳେଶ୍ୱର , ୦୬/୧୦ (ନି.ପ୍ର): ପୁଲିସ୍ ପ୍ରଶାସନର ସାଇବର ସୁରକ୍ଷା ରଥ ଜଳେଶ୍ୱରରେ ପହଞ୍ଚିବା ପରେ ଜନସାଧାରଣଙ୍କ ତରଫରୁ ସ୍ୱାଗତ କରାଯାଇଥିଲା । ମୁରଲି କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ଏହି ସୁସଜ୍ଜିତ ରଥକୁ ଅଣାଯିବାପରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠିତ ସଭାରେ ଏସ୍‌ଡିପିଓ ଦିଲ୍ଲିପ କୁମାର ସାହୁ ଅଧ୍ୟକ୍ଷତା କରି ସାଇବର ଠକେଇରୁ ବର୍ତ୍ତୀବାପାଇଁ ଉପାୟମାନ କହିଥିଲେ । ମୁଖ୍ୟ ଅତିଥିଭାବେ ବ୍ଲକ ଚେୟାରମ୍ୟାନ ମାନସ ଜେନା ଉଦ୍‌ଘାଟନ କରିଥିବା ବେଳେ ପୌରପାଳ ପ୍ରତୀପ ପ୍ରଧାନ, ଜିଲାପରିଷଦ ଉପାଧ୍ୟକ୍ଷା ଅନୁସୂୟର ପ୍ରଧାନ, ଉପପୌରପାଳ ପୁଷ୍ପପ୍ରିୟା କାମିଲା, ସଂଚିତା ସେନାପତି, ଏଡିସନାଲ ଏସ୍‌ପି ଶ୍ରୀନିବାସ ମହାନ୍ତି, ଅନିଲ ପ୍ରଧାନ, ଡିଏସ୍‌ପି ଆଲୋକ ରଂଜନ ରୟ ଓ ଜିଲାର ବହୁ ପୁଲିସ୍ ଅଧିକାରୀ ଯୋଗ ଦେଇଥିଲେ । ଜଳେଶ୍ୱର ଆଇଆଇସି ରଂଜନ ସେଠୀ ସ୍ୱାଗତ ଅଭିଭାଷଣ ଓ ମଂଚ ଆହ୍ୱାନ କରି ଯୁବ ଗୋଷ୍ଠୀ ଓ ସବୁ ବର୍ଗର ଲୋକଙ୍କୁ ସଚେତନ ଓ ସାଇବର ଠକେଇର ବିଭିନ୍ନ ଦିଗ ସଂପର୍କରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ନେତୃସ୍ଥାନୀୟ ବ୍ୟକ୍ତି, ଅଙ୍ଗନୱାଡି କର୍ମଚାରୀ, ଯୁବପିଢୀ, ବ୍ୟାଙ୍କ କର୍ମଚାରୀ, ସ୍ୱୟଂ ସହାୟିକା ଗୋଷ୍ଠୀ ଯୋଗ ଦେଇଥିଲେ । ନୃତ୍ୟଶିକ୍ଷା ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ ରଂଗାରଂଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସାଇବର ଭୂତ ନାଟକ ପରିବେଷଣ ହୋଇଥିଲା ।

## ମାଝୀ ପାରଗାନା ମହଲର ବିଶାଳ ଜନ ସମାବେଶ




ବାଲେଶ୍ୱର , ୦୬/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଆଦିବାସୀ ସାମାଜିକ ବ୍ୟବସ୍ଥାର ମାଝୀପାର ଗାନଙ୍କର ଆହ୍ୱାନ କ୍ରମେ ବାଲେଶ୍ୱର ଜିଲ୍ଲାର ୧୨ଟି ବ୍ଲକରୁ ଶତାଧିକ ମହିଳା ଓ ପୁରୁଷ ଗାନ୍ଧୀ ସ୍ମୃତି ଭବନ ରୁ ଏକ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ ଅଫିସ ସାମୁଖ୍ୟ ରେ ବିକ୍ଷୋଭ ପ୍ରଦର୍ଶନ କରି ଥିଲେ, ୯ ଦଫା ଦାବି ନେଇ ଏକ ସ୍ମାରକ ପାତ୍ର ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ରାଷ୍ଟ୍ରପତି, ଆଦିବାସୀ କଲ୍ୟାଣ ମନ୍ତ୍ରୀଙ୍କୁ ଜିଲ୍ଲାପାଳଙ୍କ ମାଧମରେ ଦେଇ ଥିଲେ । ପଦା ବଡ଼ଗାଁ ଓ ଚାନ୍ଦିପୁର ଗ୍ରାମର ବେଆଇନ ଭାବରେ ଭାଙ୍ଗି ଯାଇଥିବା ଜାହେରା ଠାକୁରାଣୀଙ୍କୁ ପୁନର୍ବାର ସ୍ଥାପନ କରିବା। ଆଦିବାସୀ ମାନଙ୍କୁ ସ୍ଥାୟୀ ଘର ବାରି ପଟ୍ଟା ପ୍ରଦାନ କରାଯାଉ। ବାଲେଶ୍ୱର ଜିଲ୍ଲାପାଳଙ୍କ ଦ୍ୱାରା ଆଦିବାସୀ ମାନଙ୍କ ଉପରେ ଦୂର୍ବ୍ୟବହାର କରାଯାଉ ଥିବା ଅନ୍ୟାୟ , ଅତ୍ୟାଚାର,ଧମକ, ଜୁର ଜୁଲମ ବନ୍ଦ କରା ଯାଉ। ଭାରତ ସମ୍ବିଧାନ ଅନୁଛେଦ୍,୧୩ ୩ କ ଅନୁ ସରେ ଆଦିବାସୀ ମାନଙ୍କରେ ଶୁଶାସନ ବ୍ୟବସ୍ଥାରେ ପ୍ରାବଧାନ ଅନୁଯାୟୀ ପାରମ୍ପରିକ ଗ୍ରାମ ସଭାକୁପ୍ରଶାସନ ଅନୁ ପାଳନ କରାଯାଇ। ଆଦିବାସୀ ମାନଙ୍କର ବିକାଶ ପାଇଁ ଜିଲ୍ଲାରେ ଉ,ଇ,ମ,ଈଇମ, ଗଠନ କରା ଯାଉ।। ପ୍ରତ୍ୟେକ ଆଦିବାସୀ ମାନଙ୍କର ଜାହେରା ଠାକୁରାଣୀ ପୂଜାସ୍ତଳି ଜାହେରଗାଲ ନାମରେ ପଞ୍ଜୀକୃତ କରା ଯାଇ ସ୍ୱତନ୍ତ୍ର ପଟ୍ଟା ପ୍ରଦାନ କରା ଯାଉ। ଅଷ୍ଟମ ଅନୁଛେଡ ପରିସରଭୁକ୍ତ କରା ଯାଇଥିବା ସାନ୍ତାଳୀ ଭାଷା ଆଲିଚିକି, ଲିପି, ବାଲେଶ୍ୱର ଜିଲ୍ଲା ଶିକ୍ଷା କ୍ଷେତ୍ରରେ ପ୍ରାଥମିକ ଠାରୁ ବିଶ୍ୱ ବିଦ୍ୟାଳୟ ପର୍ଯ୍ୟନ୍ତ୍ ସାନ୍ତାଳୀ ଶିକ୍ଷକ ନିଯୁକ୍ତ କରାଯାଉ। ଥାନା ମାନଙ୍କରେ ନିରିହ ଆଦି ବାସି ମାନଙ୍କୁ ମିଥ୍ୟା ଅଭିଯୋଗ ଆଧାର ରେ କେଶ ରୁଜୁ କରିବା ବନ୍ଧ କରାଯାଉ। ବାଲେଶ୍ୱର ଜିଲ୍ଲାର ତହସିଲ, ବ୍ଲକ, ଥାନା ଡାକ୍ତରଖାନା ଏ ବଙ୍ଗ ,ପ୍ରତ୍ୟେକ ବିଭାଗର ପଦାଧିକାରୀ ଆଦିବାସୀ ମାନଙ୍କ ପ୍ରତି ଅଣ ଦେଖା ବନ୍ଧ କରାଯାଉ। ଏଥିରେ ସଭା ପତି ବୁଦ୍ଧି ରାମ ମାଝୀ, ଉପସଭାପତି ବିଜୟା କୁମାର ମୁର୍ମୁ , ଦୁଃଖୀରାମ ମାଝୀ, ନବୀନ ହାଁସଦା,ରଘୁ ନାଥ ହେମ୍ବ୍ରମ। ଇଶ୍ୱର ହାଁସଦା । ଦାଶରଥି କିସ୍କୁ। ସୀତାରାମ ହାଁସଦା। ମୀନା ମାଝୀ ଆଦି ସମସ୍ତ ଆଦିବାସୀ ମନେ ଉପସ୍ଥିତି ରହିଥିଲେ।

## ଶିକ୍ଷା ସଚେତନତା ରଥ ପରିକ୍ରମା ଉଦ୍‌ଘାଟିତ

ବାସୁଦେବପୁର, ୦୬/୧୦ (ନି.ପ୍ର): ବାସୁଦେବପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପରିସରରେ ଶିକ୍ଷା ସଚେତନତା ରଥ ପରିକ୍ରମା ଉଦଘାଟିତ ହୋଇଯାଇଛି ଓ ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ର ମାନ୍ୟବର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ଶ୍ରୀ ରାଉତରାୟ ପତାକା ହଲାଇ ଏହି କାର୍ଯ୍ୟକ୍ରମ କୁ ଉଦଘାଟନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କୁ ପ୍ରଶଂସା କରିବା ସହିତ ପ୍ରତ୍ୟେକ ଛାତ୍ର ଛାତ୍ରୀ ଙ୍କର ମଙ୍ଗଳ କାମନା କରିଥିଲେ ଓ ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ ଓ ବ୍ଲକ ବିଡ଼ିଓ ସତ୍ୟଜିତ ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ସଭାପତିତ୍ୱ କରିଥିଲେ । ଏହି ଶିକ୍ଷା ରଥ ୨୩ ଟି କ୍ଲଷ୍ଟର ରେ ୧୫ ଦିନ ଧରି ପରିକ୍ରମା କରିବ । ଜନସାଧାରଣ ଓ ଛାତ୍ର ଛାତ୍ରୀ ଙ୍କର ଅଭି ଭାବକ ଙ୍କୁ ଶିକ୍ଷା ଓ ଯୋଜନା ସମ୍ପର୍କ ରେ ସଚେତନତା କରିବା ଏହି ପରିକ୍ରମା ର ମୁଖ୍ୟ ଲକ୍ଷ୍ୟ । ଏହି ଉତ୍ସବ ରେ ସହକାରୀ ଶିକ୍ଷକ ଅମୀୟ ପାଣିଗ୍ରାହୀ, ଦୈତାରୀ ବେହେରା, ପ୍ରଣୟ ମହାପାତ୍ର, ପ୍ରଦୀପ ସେଠି ଓ ସମସ୍ତ ସି ଆର ସି ସି ସହଯୋଗ କରିଥିଲେ।




## ପୁରୀରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡିକର ସମୀକ୍ଷା କଲେ ଫାଇଭ-ଟି ସଚିବ

ଭୁବନେଶ୍ୱର, ୦୬/୧୦ (ନି.ପ୍ର): ଫାଇଭ-ଟି ସଚିବ ଭିକେ ପାଣ୍ଡିଆନ ଶୁକ୍ରବାର ଭୋରରରୁ ପୁରୀ ଗସ୍ତରେ ଯାଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡିକର ସମୀକ୍ଷା କରିଛନ୍ତି । ପୁରୀ ରେ ପହଂଚିବା ପରେ ସେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମୀକ୍ଷା କରିଥିଲେ କ୍ଷ ସେ ଏହି ପ୍ରକଳ୍ପକୁ ଡିସେମ୍ବର ୨୦୨୩ ସୁଦ୍ଧା ସମାପ୍ତ କରିବାକୁ ଅଧିକାରୀ ଓ ଏଜେନ୍ସୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ବାଦ ୫ଟି ସଚିବ ଶ୍ରୀମନ୍ଦିର ଚତୁର୍ପାଶ୍ୱ ସମେତ, ଦୋଳବେଦୀ କୋଣ, ବାନାମ୍ବର ଛକ, ଶନିମନ୍ଦିର ଛକ, କୃଷ୍ଣ ସିନେମା ହଲ ନିକଟ, ଶ୍ରୀମନ୍ଦିର କାର୍ଯ୍ୟାଳୟ ନିର୍ମାଣ କାର୍ଯ୍ୟ ଆଦି ସମୀକ୍ଷା କରିଥିଲେ । ସମୀକ୍ଷା ସମୟରେ ପୁରୀ ଜିଲ୍ଲା ପ୍ରଶାସନ ଅଧିକାରୀ ଙ୍କ ସହ ନିର୍ମାଣ କାରୀ ସଂସ୍ଥାର ଅଧିକାରୀ ମାନେ ଉପସ୍ଥିତ ଥିଲେ । ଦ୍ରୁତ ଗତିରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଚାଲିଥିବା ବେଳେ ଏହାକୁ ବିଭିନ୍ନ ସମୟରେ ପୁରୀ ଆସି ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥାନ୍ତି ୫ଟି ସଚିବ କ୍ଷ ଆଜି ଭୋରରୁ ୫ଟି ସଚିବ ପୁରୀ ରେ ପହଂଚି ସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ସମୀକ୍ଷା କରିବା ସହ ଖୁବ ଶୀଘ୍ର କାର୍ଯ୍ୟ ଶେଷ କରିବା ଲାଗି ନିର୍ମାଣଧୀନ ସଂସ୍ଥା ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ତାଙ୍କର ଏହି ଗସ୍ତ ସମୟରେ ପୂର୍ତ୍ତ ବିଭାଗର ସଚିବ, ପୁରୀ ଜିଲ୍ଲାପାଳ, ପୁରୀର ଏସପି ଓ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ଜାତୀୟ ରକ୍ତଦାନ ଦିବସ ପାଳିତ

ଭଦ୍ରକ, ୦୬/୧୦ (ନି.ପ୍ର): ଭଦ୍ରକ ଜିଲ୍ଲା ମୁଖ୍ୟ ଡ଼ାକ୍ତରଖାନାର ଓଡ଼ିଶା ବ୍ଲଡ୍ ସେଣ୍ଟର ଆନୁକୂଲ୍ୟରେ ଭଦ୍ରକ ଟାଉନ୍ ହଲ୍‌ଠାରେ ଜାତୀୟ ରକ୍ତଦାନ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମେଡ଼ିକାଲ ଆସୋସିଏସନ୍ ର ଉପଦେଷ୍ଟା ଡା. ହରିହର ନାୟକ, ବ୍ଲଡ୍ ବ୍ୟାଙ୍କ ଅଫିସର ଡା. ବିମଳା ବିଶ୍ର, ସି.ଟି. ଡି.ଏସ୍.ପି. ଅଂଶୁମାନ ଦ୍ୱିବେଦୀ ପ୍ରମୁଖ ଯୋଗଦେଇ ଦିବସ ପାଳନର ଆଭିମୁଖ୍ୟ ଓ ରକ୍ତଦାନ ର ଉପାଦେୟତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରକ୍ତଦାନ ଶିବିର ଆୟୋଜକ, ବିଭିନ୍ନ ସଙ୍ଗଠନ ଏବଂ ରକ୍ତଦାତାମାନେ ଯୋଗ ଦେଇଥିଲେ। ରକ୍ତଦାତା ମାନଙ୍କୁ ଉତ୍ସାହିତ କରାଯିବା ଉଦ୍ଦେଶ୍ୟରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସରକାରଙ୍କ ବିଭିନ୍ନ ଯୋଜନା ପ୍ରଣୟନ ବିଷୟରେ ଜନସାଧାରଣଙ୍କୁ ଜଣାଇବା ଉଦ୍ଦେଶ୍ୟରେ ସେମାନଙ୍କୁ ଅବଗତ କରାଯାଇଥିଲା। ରକ୍ତ ଗ୍ରହଣ ପାଇଁ ସିକିଲ୍ ସେଲ୍, ହେମୋଫିଲିଆ, ଓ ଥାଲାସେମିଆ ରୋଗୀଙ୍କର ଯାତାୟତ ଖର୍ଚ୍ଚ ମାସିକ ୫୦୦ ଟଙ୍କା ରୋଗୀମାନଙ୍କୁ ସରକାରଙ୍କ ତରଫରୁ ଯେଗାଇ ଦିଆଯାଉଥିବା ବିଷୟରେ ମଧ୍ୟ ସୂଚନା ପ୍ରଦାନ କରାଯାଇଥିଲା। ଜିଲ୍ଲା ଜନସ୍ୱାସ୍ଥ୍ୟ ଏବଂ ଯୋଗାଯୋଗ ଅଧିକାରୀ ଅନିତା ରାଣୀ ରାଉତ ଏହି କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟକି ପ୍ରତିବର୍ଷ ଅକ୍ଟୋବର ୧ ତାରିଖକୁ ଜାତୀୟ ରକ୍ତଦାନ ଦିବସ ରୂପେ ପାଳନ କରାଯାଇଥାଏ।



## ଇନରହୁଇଲ କ୍ଲବ ତରଫରୁ ନିଃଶୁଳ୍କ ଯୋଗ ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ

ଉଦଳା , ୦୬/୧୦ (ନି.ପ୍ର): କେବଳ ମହିଳା ମାନଙ୍କୁ ନେଇ ଉଦଳାରେ ଗଢ଼ି ଉଠିଥିବା କ୍ଲବ ଇନରହୁଇଲ ତରଫରୁ ଏକ ନିଃଶୁଳ୍କ ଯୋଗ ଶିକ୍ଷା କେନ୍ଦ୍ର ଉଦ୍‌ଘାଟିତ ହୋଇ ଯାଇଛି । କ୍ଲବର ସଂପାଦିକା ମମତା ସାହୁଙ୍କ କହିବାନୁସାରେ ଉଦଳା ସହର ମଧ୍ୟରେ ବର୍ତ୍ତମାନ ବହୁ ଲୋକ ମଧୁମେହ ଓ ଉଚ୍ଚରକ୍ତଚାପ ଜନିତ ରୋଗରେ ପିଡ଼ିତ । ଏହି ରୋଗ ପାଇଁ ଜିବନସାରା ଔଷଧ ସେବନ କରିବାକୁ ପଡ଼ିଥାଏ । ଡ଼ାକ୍ତର ଏହି ରୋଗୀଙ୍କୁ ନିୟମିତ ଯୋଗ କରିବାକୁ ପରାମର୍ଶ ଦେଇଥାନ୍ତି । କିନ୍ତୁ ଯୋଗ କେମିତି କରାଯାଏ ସବୁ ଲୋକ ଜାଣି ନାହାଁନ୍ତି । ଯୋଗ ସମ୍ପର୍କରେ ଲୋକଙ୍କୁ ଜଣାଇବା ଓ ଏକ ସୁସ୍ଥ ସମାଜ ଗଢ଼ିବାର ଉଦ୍ଦେଶ୍ୟରେ ଯୋଗ ଶିକ୍ଷା କେନ୍ଦ୍ର ଖୋଲା ଯାଇଛି ବୋଲି ବ୍ୟକ୍ତ କରିଥିଲେ। କ୍ଲବର ସଭାପତି ଜୟନ୍ତି ପଟ୍ଟନାୟକ ନିୟମିତ ଯୋଗ କରୁଥିବା ବ୍ୟକ୍ତିଙ୍କୁ ଅକାଳ ବାର୍ଦ୍ଧକ୍ୟ ଗ୍ରାସ କରେ ନାହିଁ । ନିୟମିତ ସକାଳ ୬ ଘଟିକା ଠାରୁ ୭ ଘଟିକା ପର୍ଯ୍ୟନ୍ତ ଯୋଗ ଶିକ୍ଷା କେନ୍ଦ୍ର ଖୋଲା ରହିବ। ଏଥିରେ ବହୁ ସଂଖାରେ ଲୋକ ଆସି ଯୋଗ ଶିଖିବାକୁ ଅନୁରୋଧ ଜଣାଇଛନ୍ତି । ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହିଁଲେ। ମୋବାଇଲ ନଂ- ୯୪୩୭୭୯୮୧୭୧ ସହିତ ଯୋଗାଯୋଗ କରିବାକୁ କୁହାଯାଇଛି ।

## କାଳିଆଖିଆରେ ମା' ମନସା ଦେବୀଙ୍କ ବାର୍ଷିକ ପୂଜା ଉତ୍ସବ ଉଦ୍‌ଯାପିତ

ଲଙ୍ଗଳେଶ୍ୱର, ୦୬/୧୦ (ନି.ପ୍ର): ବାଲିଆପାଳ ବ୍ଲକ୍ ବେତଗଡ଼ିଆ ପଞ୍ଚାୟତ କାଳିଆଖିଆ ଗ୍ରାମରେ ମା' ମନସା ଦେବୀଙ୍କ ବାର୍ଷିକ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହିଳା ବିଜୁ ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ସୁବାସିନୀ ଜେନା ଯୋଗଦେଇ ମା' ଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ସଭିଙ୍କ ସୁଖ ସମୃଦ୍ଧି କାମନା କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦଘାଟନ କରି ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ସୁବ୍ରତ କୁମାର ପଣ୍ଡା, ବାଲିଆପାଳ ବ୍ଲକ୍ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ବେତଗଡ଼ିଆ ପଞ୍ଚାୟତ ସରପଞ୍ଚ ସୁମିତ୍ରା ଗିରି, ପୂର୍ବତନ ସମିତିସଭ୍ୟ , ୱାର୍ଡ଼ ସଦସ୍ୟ, ଡଗରା ପଞ୍ଚାୟତ ସଭାପତି ନିତ୍ୟାନନ୍ଦ ଜେନା, ବସ୍ତା ବ୍ଲକ୍ କାର୍ଯ୍ୟକାରୀ ଯୁବ ସଭାପତି ଦିଲ୍ଲୀପ ଦଳାଇ,କାଳିଆଖିଆ ଗାଁ ମୁଖିଆ ବଳରାମ ଆଦକ,ସନ୍ତୋଷ କୁମାର ଗିରିଙ୍କ ସମେତ ଦଳର ନେତୃବୃନ୍ଦ, ପୂଜା କମିଟିର ସଦସ୍ୟ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ ।

## ଇଣ୍ଡିଆନ ବ୍ୟାଙ୍କ ଆଗରେ ବିକ୍ଷୋଭ ପ୍ରଦର୍ଶନ



ବସ୍ତା, ୦୬/୧୦ (ନି.ପ୍ର): ବସ୍ତା ବିଜେପି ଯୁବମୋର୍ଚ୍ଚା ତରଫରୁ ଆଜି ମଥାନୀ ସ୍ଥିତ ଇଣ୍ଡିଆନ ବ୍ୟାଙ୍କ ଆଗରେ ଯୁବମୋର୍ଚ୍ଚା ସଭାପତି ଧିରେନ କୁମାର ସେଠୀଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଗ୍ରାହକ ମାନଙ୍କ ନାନାଦି ଅସୁବିଧା ଯଥା ପ୍ରଧାନମନ୍ତ୍ରୀଙ୍କ ମୁଦ୍ରା ଲୋନ ରେ ସଠିକ୍ ଭାବେ ଚୟନ ନକରାଜିବା , ବିଶ୍ୱକର୍ମା ଯୋଜନାରେ ସୁବିଧା ନଦେବା, ଟଙ୍କା ଜମା ଓ ଉଠାଣ ପରେ ଖାତା ପ୍ରିଣ୍ଟ ନହେବା , ଗ୍ରାହକଙ୍କୁ କିପରି ସୁବ୍ୟବସ୍ଥା ଯୋଗାଇ ଦିଆଯିବ ଏମିତି ବିଭିନ୍ନ ଅସୁବିଧାକୁ ନେଇ ବିକ୍ଷଭ କରାଯାଇଥିଲା । ଶାଖା ପ୍ରବନ୍ଧକ ସୌରଭ କୁମାର ଗିରିଙ୍କୁ ଆମର ଦାବିପତ୍ର ପ୍ରଦାନ କରିବା ପରେ ସେ ମଧ ଗଭୀରତା ସହକାରେ ଗ୍ରହଣ କଲେ ଏବଂ ତାଙ୍କ ଉପରିସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରି ସମସ୍ତ ସମସ୍ୟାର ସମାଧାନ କରିବାପାଇଁ ପ୍ରତିଶ୍ରୁତି ପ୍ରଦାନ କଲେ। ଏହି ବିକ୍ଷୋଭରେ ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ୟାମ ପ୍ରସାଦ ବେହେରା, ମଣ୍ଡଳ ସଭାପତି ରଞ୍ଜନ ମହାନ୍ତି, ଜିଲ୍ଲା କୃଷକ ମୋର୍ଚ୍ଚା ଉପସଭାପତି ସୂର୍ଯ୍ୟ ନାରାୟଣ ସାହୁ, ମଣ୍ଡଳ ସମ୍ପାଦକ ପ୍ରସନ୍ନ ପଣ୍ଡା, ମଣ୍ଡଳ କୃଷକ ସଭାପତି ଦୀନକୃଷ୍ଣ ବେହେରା, ମଥାନୀ ସଭାପତି ଉମାକାନ୍ତ ବେଜ, ବାହାର୍ଦ୍ଧା ସଭାପତି ଅଜୟ ଜେନା ଶରତ ବାରିକ୍, ବିନୟ କେତନ ଜେନା, ଅଭିରାମ ମଲ୍ଲିକ, ନିଧିଆ ମାରାଣ୍ଡି, ଇ. ଦିବାକର ରାଉତ, ମଣ୍ଡଳ ଓବିସି ସଭାପତି ରମେଶ ରାଉଳ, ଦିଲ୍ଲୀପ ପଣ୍ଡା, ଉମା ମହାରଣା, ବେଣୁଧର ପରିଡ଼ା, ଅରୁଣ ନାୟକ, ଅଚ୍ୟୁତ ରାଉଳ,ସୁଦାମ ପରିଡ଼ା, ମନୋଜ ସାମଲ, ରାଧାକୃଷ୍ଣ ଜେନା, ଜଗବନ୍ଧୁ ଜେନା, ଶମ୍ଭୁନାଥ ବେହେରା, ବିଜୟ ଧଳ, ମନୋରମା ଦାସ, କଲ୍ୟାଣୀ ଜେନା, ଶମ୍ଭୁନାଥ ଧଳ, କାଞ୍ଚନ ସେଠୀ, କବିତା ସେଠୀ ଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଓ ବ୍ୟାଙ୍କ ଗ୍ରାହକ ମାନେ ସାମିଲ ହୋଇଥିଲେ।

## ଡାକ୍ତରୀ ଛାତ୍ରୀଙ୍କ ଆତ୍ମହତ୍ୟା ଅଭିଯୋଗ

ଭୁବନେଶ୍ୱର, ୦୬/୧୦ (ନି.ପ୍ର): ଭୁବନେଶ୍ୱରରେ ଏକ ଘରୋଇ ମେଡିକାଲ କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା କରିଥିବା ଜଣା ପଡିଛି । ଡେଂଟାଲ ବିଭାଗରେ ଦ୍ୱିତୀୟ ବର୍ଷ ଛାତ୍ରୀଙ୍କର ହଷ୍ଟେଲରୁ ଝୁଲନ୍ତା ଅବସ୍ଥାରେ ମୃତଦେହ ମିଳିଲା । ତେବେ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି । ପୋଲିସ ଏହି ପ୍ରସଙ୍ଗରେ ଅପମୃତ୍ୟୁ ମାମଲା ରୁଜୁ କରି ମାମଲାର ତଦନ୍ତ ଜାରୀ ରଖିଛି ।

## ବନ୍ଦ ପଡ଼ିଛି ଜନସେବା କେନ୍ଦ୍ର: ସୁବିଧା ପାଉନାହାନ୍ତି ଜନତା

ଲଙ୍ଗଳେଶ୍ୱର ୬/୧୦(ନିପ୍ର): ଜନସାଧାରଣଙ୍କ ସୁବିଧା ପାଇଁ ରାଜ୍ୟ ସରକାର ପ୍ରତି ପଞ୍ଚାୟତରେ ଜନସେବା କେନ୍ଦ୍ର ଖୋଲି ସହଜରେ ଯୋଜନା ଗୁଡିକ ସହଜରେ ଲୋକମାନେ ପାଇପାରିବେ ସେଥିପାଇଁ ଏହି କେନ୍ଦ୍ର କାର୍ଯ୍ୟ କରିଥାଏ ମାତ୍ର ଏହି କେନ୍ଦ୍ର ଦୀର୍ଘଦିନ ଧରି ବନ୍ଦ ରହିବ ତାହାହେଲେ ସରକାରଙ୍କ ଉଦ୍ଦେଶ୍ୟ ର ସୁଫଳ ଲୋକ ପାଇପାରୁ ନାହାନ୍ତି। ଘଟଣା ରୁ ପ୍ରକାଶ ବାଲିଆପାଳ ବ୍ଲକ ଅନ୍ତର୍ଗତ ବାଲିକୁଟି ପଞ୍ଚାୟତର ଥିବା ଜନସେବା କେନ୍ଦ୍ର ଟି ଦୀର୍ଘ ଦିନ ଧରି ବନ୍ଦ ଥିବାରୁ ଲୋକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ କାଳିଆ ଯୋଜନାରେ ନିଜର ନାମ ପଞ୍ଜୀକରଣ କରିବା, କେନ୍ଦ୍ର ସରକାର ଙ୍କ ବିଶ୍ୱକର୍ମା ଯୋଜନାରେ ସାମିଲ ହେବାକୁ ଆବେଦନ ପାଇଁ ବାଲିକୁଟି ପଞ୍ଚାୟତର ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳ ବାସୀ ଦାବି କରିଛନ୍ତି।




## ଏବିସି ଦ୍ୱାରା ବାଲେଶ୍ୱର ଜିଲ୍ଲା ସ୍କୁଲ ପରିସରରେ ବନ୍ୟଜନ୍ତୁ ସପ୍ତାହ ପାଳନ

ବାଲେଶ୍ୱର , ୦୬/୧୦ (ନି.ପ୍ର): ସାରା ବିଶ୍ୱରେ ଚଳିତ ବର୍ଷ ଅକ୍ଟୋବର ୨ ରୁ ୮ ତାରିଖ ପର୍ଯ୍ୟନ୍ତ ବନ୍ୟଜନ୍ତୁ ସପ୍ତାହ ପାଳନ କରୁଥିବା ବେଳେ ବାଲେଶ୍ୱର ରେ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଆସୋସିଏସନ୍ ଫର୍ ବାଇଓ କଂଜେର୍ଭେସନ୍ ତରଫରୁ ବାଲେଶ୍ୱର ଜିଲ୍ଲା ସ୍କୁଲ ପରିସରରେ ବନ୍ୟଜନ୍ତୁ ସପ୍ତାହ ଉତ୍ସବ ପାଳନ କରାଯାଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ର ପ୍ରତିଯୋଗିତା ଓ ଆଲୋଚନା ସଭା ଆୟୋଜନ କରାଯାଇ ସଚେତନତ ସୃଷ୍ଟି କରାଯାଇଛି । ଏଥିରେ କାର୍ଯ୍ୟକ୍ରମର ସଂଯୋଜିକା ଉପାସନା ପଟ୍ଟନାୟକ ପରିଚାଳନା କରିଥିବା ବେଳେ ଏ ବି ସି ର ସଭାପତି ନୀଳରକ୍ତ କଙ୍କଡ଼ାର ଗବେଷକ ଡ ଗୋବିନ୍ଦ କୁମାର ବିଶ୍ୱାଳ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବରେ ସଦର ବିଧାୟକ ସ୍ୱରୂପ ଦାସ ଯୋଗଦେଇ ବନ୍ୟଜନ୍ତୁ ଉପରେ ଛାତ୍ରଛାତ୍ରୀମାନଙ୍କୁ ଆଲୋକପାତ କରିବା ସହ ବାଲେଶ୍ୱରର ଜୈବ ଐତିହ୍ୟ ନୀଳରକ୍ତ କଙ୍କଡ଼ା ସୁରକ୍ଷା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବରେ ପରିବେଶବିତ ସୁବ୍ରତ ନାୟକ, ସମ୍ମାନିତ ଅତିଥି ଭାବରେ ଶିଳ୍ପୀ କେଶୁ ଦାସ ଓ ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକ ସୂର୍ଯ୍ୟଶିଖା ମହାନ୍ତି ଯୋଗଦେଇ ବନ୍ୟଜନ୍ତୁ ସୁରକ୍ଷା ବିଷୟରେ ମତ ରଖିଥିଲେ । ଚିତ୍ର ପ୍ରତିଯୋଗିତାର ବିଚାରକ ଭାବରେ ଦେବାଶିଷ ସାହୁ ଓ କବିତା ଦତ୍ତ ଯୋଗ ଦେଇଥିବା ବେଳେ କୃତି ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ଶେଷରେ ନୀଳରକ୍ତ କଙ୍କଡ଼ା ସୁରକ୍ଷା ମଞ୍ଚର ସକ୍ରିୟ ସଦସ୍ୟ ସୁଧାକର ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ ।



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo